୬ ଓଡ଼ିଶାରେ ବିଶ୍ୱ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ହେବା ଗର୍ବର ବିଷୟ : କ୍ରୀଡ଼ାମନ୍ତ୍ରୀ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୬୪ ● ୧୨ ଜୁଲାଇ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-164 ●12th July 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ଆଜିଠୁ ରାଜ୍ୟରେ ଗଡ଼ିବ ସବୁ ଘରୋଇ ବସ୍

ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ଶନିବାର ଠାରୁ ରାଜ୍ୟରେ ଯାତ୍ରୀବାହୀ ଘରୋଇ ବସ୍ ଚଳାଚଳ କରିବ। ଘରୋଇ ବସ୍‌ଗୁଡ଼ିକ ପୂର୍ବ ଭଳି ପୁଣି ସ୍ୱାଭାବିକ ଢଙ୍ଗରେ ଚାଲିବ। ପୁରୀଠାରେ ଅନୁଷ୍ଠିତ ନିଖିଳ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ରାଜ୍ୟରେ ଉଭୟ ସରକାରୀ ଓ ଘରୋଇ ବସ୍ ଚଳାଚଳ କରୁଛି । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବସ୍ ଯାତ୍ରୀମାନଙ୍କର ଚାହିଦା ପୂରଣ କରିପାରେ ନାହିଁ । ଏହି କାରଣରୁ ଯାତ୍ରୀମାନେ ଘରୋଇ ବସ୍ ଉପରେ ନିର୍ଭରଶୀଳ। ଅପରପକ୍ଷେ ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ୩୧୪ଟି ବ୍ଲକ୍‌କୁ ପ୍ରାୟ ୧୭,୦୦୦ରୁ ଊର୍ଦ୍ଧ୍ୱ ଦୈନିକ ଘରୋଇ ବସ୍ ଚଳାଚଳ କରିଥାଏ। ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ହେଉ ବା ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରାକୁ ହେଉ ଯାତ୍ରୀମାନେ ଘରୋଇ ବସ୍‌ରେ ଅଧିକ ନିର୍ଭର (ପୃଷ୍ଠା ୭ରେ)



## ଲିଖିତ ପ୍ରତିଶ୍ରୁତି ନମିଳିବା ଯାଏ ଆନ୍ଦୋଳନ ବନ୍ଦ ହେବ ନାହିଁ: ଡ୍ରାଇଭର ମହାସଂଘ

ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିଛି। ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି, ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ଆନ୍ଦୋଳନ ବନ୍ଦ ହେବ ନାହିଁ ବୋଲି ସେ କହିଛନ୍ତି। ଏପରି କି ଆନ୍ଦୋଳନରେ ୩୦ଟି ଜିଲ୍ଲାର ଡ୍ରାଇଭରଙ୍କୁ ଯୋଗ ଦେବାକୁ ସଭାପତି ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷେ ରାଜରାସ୍ତାରେ ବିଶୃଙ୍ଖଳା କିମ୍ବା ଗାଡ଼ି ଅଟକାଇଲେ ସରକାର ଆକ୍ସନ ନେଇପାରନ୍ତି । ତେଣୁ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସି ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି।

କଂଗ୍ରେସର ଅନୁରୋଧକୁ ରକ୍ଷାକରି ଡ୍ରାଇଭର ସଂଘ ଶୁକ୍ରବାର (ପୃଷ୍ଠା ୭ରେ)

## ଆନ୍ଦୋଳନ ପ୍ରତ୍ୟାହାର ପାଇଁ ମନ୍ତ୍ରୀଙ୍କ ଅନୁରୋଧ

ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଗତ ୪ଦିନ ହେଲାଣି ଡ୍ରାଇଭର ମହାସଂଘ ଷ୍ଟିଅରିଂ ଛାଡ ଆନ୍ଦୋଳନ ଚଳାଇଥିବାରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଡ୍ରାଇଭର ସଂଘକୁ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଛନ୍ତି। ମନ୍ତ୍ରୀ କହିଛନ୍ତି ନିରୀହ ଡ୍ରାଇଭରମାନଙ୍କୁ ଭ୍ରମିତ କରି କଂଗ୍ରେସ ଏସବୁ କରୁଛି । କାହା କଥାରେ ପଡି ପଥଭ୍ରଷ୍ଟ ନହେବା ପାଇଁ ମନ୍ତ୍ରୀ ଡ୍ରାଇଭରମାନଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଆନ୍ଦୋଳନ ଜାରି ରହିଥିବାରୁ ପେଟ୍ରୋଲ, ଡିଜେଲ ଓ ଅନ୍ୟାନ୍ୟ ଜରୁରୀ ସେବା ଗୁଡିକ ଆସିପାରୁନଥିବାରୁ ଲୋକମାନେ (ପୃଷ୍ଠା ୭ରେ)

### ଶ୍ରୀଲିଙ୍ଗରାଜ ମନ୍ଦିର ମହାଦୀପ ଉଠିବା ବେଳେ ଅଘଟଣ

## ଗୃହ ସଚିବ ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନୋଟିସ୍

ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ମହାଶିବରାତ୍ରିରେ ମହାଦୀପ ଉଠାଇବା ବେଳେ ଶ୍ରୀଲିଙ୍ଗରାଜ ମନ୍ଦିରର ଜଣେ ସେବାୟତ ଯୋଗେନ୍ଦ୍ର ସମର୍ଥା ପ୍ରାୟ ୨୦ ଫୁଟ ଉଚ୍ଚତାରୁ ଖସି ପଡ଼ି ଗୁରୁତର ଆହତ ହେବା ଘଟଣାକୁ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି) ଅତି ଗୁରୁତର ସହ ନେଇଛନ୍ତି। ଏହି ଘଟଣାରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ(ଏଟିଆର) ଦେବାକୁ ଖୋର୍ଦ୍ଧା ଜିଲ୍ଲାପାଳ ଓ ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଦୁଃଖଦ ଘଟଣା ଗତ ଫେବୃଆରୀ ୨୬ ରାତି ସାଢ଼େ ୧୦ଟା ବେଳେ ଘଟିଥିଲା। ଯୋଗେନ୍ଦ୍ର ସମର୍ଥାଙ୍କ ମୁହଁରେ ଗୁରୁତର ଆହତ ଲାଗିଥିବା ବେଳେ ତାଙ୍କର ଗୋଟିଏ ଗୋଡ ଭାଙ୍ଗିଯାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଅନ୍ୟ ଦୁଇଜଣ ସେବାୟତ ଓ ଜଣେ ପୁଲିସ କର୍ମଚାରୀ ମଧ୍ୟ ତେଲ ପଡ଼ି ଆହତ ହୋଇଥିଲେ। ସମସ୍ତଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ନେଇ ଚିକିତ୍ସା କରାଯାଇଥିଲା।

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଡଭୋକେଟ ତଥା ମାନବାଧିକାର କର୍ମୀ ଶ୍ରୀ ଅଖଣ୍ଡ ଏହି ଘଟଣା ସମ୍ପର୍କରେ ଏନଏଚଆରସିଙ୍କ ନିକଟରେ ପିଟିସନ ଦାଖଲ କରିଥିଲେ। ଆୟୋଗ ଖୋର୍ଦ୍ଧା ଜିଲ୍ଲାପାଳ ଓ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ସ୍ୱତନ୍ତ୍ର ସଚିବଙ୍କୁ ନୋଟିସ ଜାରି କରିଛନ୍ତି । ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ଖୋର୍ଦ୍ଧା ଜିଲ୍ଲାପାଳ, ଗୃହ ବିଭାଗ ପ୍ରମୁଖ ସଚିବଙ୍କୁ କରିଥିବା ନୋଟିସକୁ ମୁଖ୍ୟ ଶାସନ ସଚିବ ଓ ପୁଲିସ ଡିଜିଙ୍କ ନିକଟକୁ ପଠାଇଛନ୍ତି।



ସରକାରଙ୍କ ଦ୍ୱାରା ପରିଚାଳିତ ଉଚ୍ଚ ମନ୍ଦିର ଗୁଡିକରେ ବିଭିନ୍ନ ଧାର୍ମିକ ନୀତି ପାଇଁ ଚଢୁଥିବା ସେବାୟତଙ୍କ ପାଇଁ ସ୍ୱତନ୍ତ୍ର ଗାଇଡଲାଇନ ଓ ସେମାନଙ୍କୁ ନିରାପତ୍ତା ଉପକରଣ ଯୋଗାଇଦେବାର ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି ବୋଲି ଆବେଦନକାରୀ ଅଖଣ୍ଡ କମିଶନଙ୍କ ନିକଟରେ ଯୁକ୍ତି କରିଛନ୍ତି । ସରକାର ଏହି ଦାୟିତ୍ୱକୁ ଅଣଦେଖା କରିପାରିବେ ନାହିଁ। ମହାଦୀପ ଚଢ଼ାଯିବା ପରି କାର୍ଯ୍ୟରେ ସେମାନଙ୍କ ପାଖରେ କୌଣସି ସୁରକ୍ଷା ଉପକରଣ ନରହିବା ସେମାନଙ୍କୁ ବିପଦ ମୁହଁକୁ ଠେଲି ଦେଉଛି । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀ ଲିଙ୍ଗରାଜ ମନ୍ଦିର ଭଳି ରାଜ୍ୟରେ ଥିବା ସୁଉଚ୍ଚ ମନ୍ଦିରଗୁଡିକରେ ଏହି ନିରାପତ୍ତା ଗାଇଡଲାଇନ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ଶ୍ରୀ ଲିଙ୍ଗରାଜ ମନ୍ଦିର ଘଟଣା ଉପରେ ନିରପେକ୍ଷ ତଦନ୍ତ, ଆହତ ସେବାୟତଙ୍କୁ ଉପଯୁକ୍ତ କ୍ଷତିପୂରଣ ଏବଂ ରାଜ୍ୟର ସମସ୍ତ ମନ୍ଦିରରେ ସେବାୟତଙ୍କ ପାଇଁ ସୁରକ୍ଷା ପ୍ରୋଟୋକଲ ଅନିବାର୍ଯ୍ୟ କରିବାକୁ ସେ ନିବେଦନ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୧ରେ ଭୁବନେଶ୍ୱରରେ ସ୍ୱତନ୍ତ୍ର କ୍ୟାମ୍ପ ସିଟିଂରେ କରାଯିବ।

## ଚାନ୍ଦିପୁରରେ ‘ଅସ୍ତ୍ର’ର ସଫଳ ପରୀକ୍ଷଣ

ଭୁବନେଶ୍ୱର/ଚାନ୍ଦିପୁର, ୧୧।୭

ନ୍ୟୁଜ୍ ବ୍ୟୁରୋ

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ବାୟୁସେନା (ଆଇଏଏଫ)ର ମିଳିତ ଉଦ୍ୟମରେ ଶୁକ୍ରବାର ଦୃଶ୍ୟମାନ ପରିଧି ଠାରୁ ବାହାରେ ଆକାଶମାର୍ଗରୁ ଆକାଶମାର୍ଗକୁ ଲକ୍ଷ୍ୟ ଭେଦ କରିପାରୁଥିବା (ବିଭିଆରଏଏଏମ) ‘ଅସ୍ତ୍ର’ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ଏହି କ୍ଷେପଣାସ୍ତ୍ରରେ ସ୍ୱଦେଶୀ ଭାବେ ନିର୍ମିତ ରେଡିଓ ଫ୍ରିକ୍ୱେନ୍ସି ସିକର ଲାଗିଛି। ଓଡ଼ିଶା ଉପକୂଳ ଚାନ୍ଦିପୁରଠାରେ ସୁ-୩୦ ଏମକେ-ଆଇ ଯୁଦ୍ଧ ବିମାନରେ ଏହି କ୍ଷେପଣାସ୍ତ୍ରର ବିମାନ ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣ ସମୟରେ ଭିନ୍ନ ଭିନ୍ନ ସ୍ତର, ଦିଗ, ଉତକ୍ଷେପଣ ପରିସ୍ଥିତିରେ ଥିବା ଦୁଇଟି ମାନବବିହୀନ ଆକାଶମାର୍ଗ ଲକ୍ଷ୍ୟକୁ ଭେଦ କରିବା ଲାଗି ଦୁଇଟି କ୍ଷେପଣାସ୍ତ୍ରକୁ ପ୍ରୟୋଗ କରାଯାଇଥିଲା। ଉଭୟ କ୍ଷେତ୍ରରେ, କ୍ଷେପଣାସ୍ତ୍ରଗୁଡ଼ିକ ସମ୍ପୂର୍ଣ୍ଣ ସଠିକ ଭାବେ ଲକ୍ଷ୍ୟଗୁଡ଼ିକୁ ଧ୍ୱଂସ କରିଥିଲା।

ପରୀକ୍ଷଣ ସମୟରେ, ସମସ୍ତ ଉପ-ପ୍ରଣାଳୀ ଆଶା ଅନୁଯାୟୀ କାର୍ଯ୍ୟ କରିଥିଲା। ଏଥିରେ ଡିଆରଡିଓ ଦ୍ୱାରା ସ୍ୱଦେଶୀ ଭାବରେ ଡିଜାଇନ ଏବଂ ବିକଶିତ କରାଯାଇଥିବା ରେଡିଓ ଫ୍ରିକ୍ୱେନ୍ସି ସିକର ମଧ୍ୟ ଅନ୍ତର୍ଭୁକ୍ତ। ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ ରେଞ୍ଜ ଟ୍ରାକିଂ ଉପକରଣ ଦ୍ୱାରା କଏଦ ହୋଇଥିବା ଉଡ଼ାଣ ତଥ୍ୟ ମାଧ୍ୟମରେ ଅସ୍ତ୍ର ଯୁଦ୍ଧାସ୍ତ୍ର ପ୍ରଣାଳୀର ତ୍ରୁଟିହୀନ (ପୃଷ୍ଠା ୭ରେ)

## ସମ୍ବିଧାନର ସୁରକ୍ଷା ଓ ସରକାରଙ୍କ ବିରୋଧରେ ଏକଜୁଟ ହୋଇ ଲଢ଼ିବାକୁ ରାହୁଲଙ୍କ ଆହ୍ୱାନ




ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ସମ୍ବିଧାନର ସୁରକ୍ଷା, ଆଦିବାସୀ ହରିଜନ, ଗରିବ, ମଜଦୁର, ମହିଳା ଓ ଚାଷୀଙ୍କ ଅଧିକାର ପାଇଁ କଂଗ୍ରେସର ଲଢେଇ ଚାଲିଛି ଏବଂ ଆଗକୁ ମଧ୍ୟ ଜାରି ରହିବ। ଏହି ପ୍ରସଙ୍ଗରେ କଂଗ୍ରେସ ଦଳର ନେତାମାନେ ସମସ୍ତ ମତଭେଦ ଭୁଲି ଓ ଏକାଠି ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଜୋରଦାର ଲଢେଇ କରିବାକୁ କଂଗ୍ରେସ ନେତା ରାହୁଲ ଗାନ୍ଧି ଆହ୍ୱାନ ଜଣାଇଛନ୍ତି।

ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବରମୁଣ୍ଡା ପଡିଆଠାରେ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶରେ ଭାଷଣ ଦେଇ କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାରଙ୍କୁ ଟାର୍ଗେଟ କରିବା ସହ ଓଡ଼ିଶା ସରକାରଙ୍କୁ ମଧ୍ୟ ତୀବ୍ର ସମାଲୋଚନା କରିଥିଲେ।

ସେ କହିଥିଲେ, ଓଡ଼ିଶାରେ ଜଳ, ଜଙ୍ଗଲ ଓ ଜମି ଆଦିବାସୀଙ୍କର ଥିଲା ଓ ରହିବ। କିନ୍ତୁ ପେସା ଆଇନ ଲାଗୁ ନକରି ଆଦିବାସୀଙ୍କୁ ସେମାନଙ୍କ ଜମିରୁ ହଟାଇ ଦିଆଯାଉଛି। ବିକାଶ କେବଳ ୨-୩ ପ୍ରତିଶତ ଧନୀ ଲୋକ କିମ୍ବା ଅରବପତିଙ୍କ ପାଇଁ ନୁହେଁ ବରଂ ଗରିବ ଓ ଚାଷୀଙ୍କୁ ନେଇ ହେବା ଉଚିତ। ସେ ମୋଦୀ ସରକାରଙ୍କ ଫସଲ ବୀମା ଯୋଜନାକୁ ସମାଲୋଚନା କରି କହିଥିଲେ ଯେ, ଏହା ଗରିବ ଚାଷୀଙ୍କ ଠାରୁ ପଇସା ନେଇ ବଡ଼ କମ୍ପାନୀଙ୍କୁ ଦେଉଛି, କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀଙ୍କୁ କୌଣସି ସହାୟତା ମିଳୁନାହିଁ। ସେହିପରି ମହିଳା ନିର୍ଯାତନା ଓ ରୋଜଗାର ଉପରେ ପ୍ରଶ୍ନ ଉଠାଇ ଶ୍ରୀ ଗାନ୍ଧୀ ଅଭିଯୋଗ କରିଥିଲେ ଯେ, ଓଡ଼ିଶାରେ ୪୦ ହଜାରରୁ ଅଧିକ ମହିଳା ନିଖୋଜ ହୋଇଛନ୍ତି ଏବଂ ପ୍ରତିଦିନ ୧୫ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି । (ପୃଷ୍ଠା ୭ରେ)

## ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ ଏବଂ ପିଏମ୍ ସୂର୍ଯ୍ୟଘର ଯୋଜନାର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ନୂଆଦିଲ୍ଲୀ, ୧୧।୭

କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ ଷଡ଼ଙ୍ଗୀ ଶୁକ୍ରବାର ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରିଛନ୍ତି। ଏହି ବୈଠକରେ ଭାରତ ସରକାରଙ୍କର ଦୁଇଟି ପ୍ରମୁଖ ଯୋଜନା – ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ ଏବଂ ‘ପିଏମ ସୂର୍ଯ୍ୟଘର: ମୁଫତ ବିଜଳି’ ଯୋଜନା ବିଷୟରେ ଆଲୋଚନା ହୋଇଥିଲା।

ଭାରତର ସବୁଜ ହାଇଡ୍ରୋଜେନ କ୍ଷେତ୍ରରେ ପରିବର୍ତ୍ତନର ନେତୃତ୍ୱ ନେବା ପାଇଁ ଓଡ଼ିଶା ଦୃଢ଼ ସ୍ଥିତିରେ ଅଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଜୋର ଦେଇ କହିଥିଲେ। ଜଳ ଉପଲବ୍ଧତା, ବୃହତ ପରିମାଣର ଅକ୍ଷୟ ଶକ୍ତିର ସମନ୍ୱୟ ଏବଂ ସକ୍ଷମ ଭିତ୍ତିଭୂମି ବିକାଶ ଭଳି ପ୍ରମୁଖ ଆହ୍ୱାନଗୁଡ଼ିକୁ ସେ ସ୍ୱୀକାର କରିଥିଲେ। ମୁଖ୍ୟ ସଚିବ କହିଥିଲେ, ରାଜ୍ୟର ରଣନୀତିକ ଉପକୂଳବର୍ତ୍ତୀ ସ୍ଥିତି, ଦୃଢ଼ ଶିଳ୍ପ ଇକୋସିଷ୍ଟମ ଏବଂ ସକ୍ରିୟ ନୀତିଗତ ଢାଞ୍ଚା ଓଡ଼ିଶାକୁ ସବୁଜ ହାଇଡ୍ରୋଜେନର ବିଶ୍ୱ ରପ୍ତାନିକାରୀ ହେବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି।

ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ସଚିବ କହିଥିଲେ, ଭାରତର ସବୁଜ ହାଇଡ୍ରୋଜେନ କ୍ଷେତ୍ରକୁ ବ୍ୟାପକ ଭାବେ ବୃଦ୍ଧି କରିବା ଲାଗି ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଦୃଢ଼ ସ୍ଥିତିରେ ରହିଛି। ରାଜ୍ୟରେ ସବୁଜ ଆମୋନିଆ/ସବୁଜ ମିଥାନଲ ଭଳି ସବୁଜ ହାଇଡ୍ରୋଜେନ ଉପାଦାନର ଉତ୍ପାଦନ ପାଇଁ ଘରୋଇ ନିବେଶକଙ୍କ ମଧ୍ୟରେ ଯଥେଷ୍ଟ ଆଗ୍ରହ ସୃଷ୍ଟି ହୋଇଛି। ବିଶେଷକରି ପାରାଦୀପ ଏବଂ (ପୃଷ୍ଠା ୭ରେ)

## ଅଗଷ୍ଟ ୯ରେ ମିଳିବ ସୁଭଦ୍ରା’ର ୩ୟ କିସ୍ତି

ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର କୋଟିଏରୁ ଅଧିକ ମହିଳାଙ୍କ ଖାତାକୁ ଆସିବ ସୁଭଦ୍ରା ଯୋଜନାର ୩ୟ କିସ୍ତି ଟଙ୍କା। ଏ ନେଇ ତାରିଖ ଘୋଷଣା କରିସାରିଛନ୍ତି ରାଜ୍ୟ ସରକାର। ପୂର୍ବରୁ ୨ଟି ପର୍ଯ୍ୟାୟରେ ୧୦ ହଜାର ଟଙ୍କା ମିଳିସାରିଛି। ଆଉ କିଛି ଦିନ ପରେ ସୁଭଦ୍ରାର ୩ୟ କିସ୍ତି ଟଙ୍କା ହିତାଧିକାରୀଙ୍କ ଖାତାକୁ ଆସିବ। ସରକାରଙ୍କ ଘୋଷଣା ଅନୁସାରେ ରାଖୀ



ପୂର୍ଣ୍ଣିମା ଅର୍ଥାତ ଅଗଷ୍ଟ ୯ ତାରିଖରେ ୩ୟ କିସ୍ତି ଟଙ୍କା ମିଳିବ । ଅର୍ଥାତ ୧୫ ହଜାର ଟଙ୍କା ଖାତାକୁ ଆସିବ। କିନ୍ତୁ କେବଳ ଯୋଗ୍ୟ ହିତାଧିକାରୀ ହିଁ ପାଇବେ। (ପୃଷ୍ଠା ୭ରେ)

## କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୭ : ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଦିନ ନୂଆଦିଲ୍ଲୀ ଠାରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସହ ସାକ୍ଷାତ କରିଛନ୍ତି। ସେ ନିଜେ ସୋସିଆଲ ମିଡିଆ ଜରିଆରେ ଏହି ସୂଚନା ଦେଇଛନ୍ତି ।

ସେ ସୋସିଆଲ ମିଡିଆରେ ଲେଖିଛନ୍ତି, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲି । ଏହି ଅବସରରେ ଦେଶର ପ୍ରତିରକ୍ଷା ବ୍ୟବସ୍ଥା ସମେତ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିବା ସହ ତାଙ୍କୁ ‘ଓଡ଼ିଶା ଭିଜନ ୨୦୩୬ । ୨୦୪୭’ ପ୍ରଦାନ କଲି।




## ୧୪ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ସୋମବାର, ଜୁଲାଇ ୧୪ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନ ସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ଏକାଳ ପଖାଳ



ଆହେ ମଇତ୍ର କଥାରେ ତୁମର
ଝରିଯାଉଥାଏ ମହୁ
ବାଂଲାଦେଶୀଙ୍କୁ ବାରଣ କଲେ
ତୁମ ଦେହୁ ଝରେ ଲହୁ
ନିର୍ଲଜ କଥାଟା କହୁ
ଓଡ଼ିଶା କେବେବି ହେବନି ବାଂଲା
ତୋ କଥା ତୋ ପାଖେ ରହୁ ।

## ଶ୍ରାବଣ ଆରମ୍ଭରୁ ଚଳଚଞ୍ଚଳ କଟକ ଗଡ଼ଗଡ଼ିଆ



କଟକ, ୧୧।୭

ନ୍ୟୁଜ୍ ବ୍ୟୁରୋ

ପବିତ୍ର ଶ୍ରାବଣ ମାସ ଆରମ୍ଭ ହୋଇଯାଇଛି ।ଏଥି ପାଇଁ ଚଳଚଞ୍ଚଳ ନଈ ପଠା। ବୋଲ ବମ, ହରହର ବମ ଡାକରେ କମ୍ପିଲାଣି କଟକ ଗଡ଼ଗଡ଼ିଆ । ଆସନ୍ତା ୧୪ରେ ମାସର ପ୍ରଥମ ସୋମବାର । ତେଣୁ ଘାଟରୁ ପାଣି ଉଠାଇ ଶୈବପୀଠ ମୁହାଁ ହେଲେଣି କାଉଡ଼ିଆ। ଦୂରଦୂରାନ୍ତରୁ କାଉଡ଼ିଆ ଭକ୍ତ ଆସି ନଈରେ ବୁଡ଼ ପକାଇବା ସହ କଳସରେ ପାଣି ଭରି ଶିବ ମନ୍ଦିର ଯାଉଛନ୍ତି । ବାଲିରେ ଶିବଲିଙ୍ଗ କରି ପୂଜା କରିବା ପରେ ବାହୁଙ୍ଗି ଧରି ଦଳଦଳ ହୋଇ ବାହାରିଲେଣି କାଉଡ଼ିଆ । ବିଶେଷ କରି ପୁରୀ ଲୋକନାଥ, ପିପିଲି ନୀଳକଣ୍ଠେଶ୍ୱର, ଜଗତସିଂହପୁର ଗୋରଖନାଥ ଓ ଢେଙ୍କାନାଳର କପିଳାସ ଯାଉଥିବା ଭକ୍ତ ଏବେଠୁ ଜଳ ଉଠାଉଛନ୍ତି।

ଗଡଗଡିଆରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅଗ୍ନିଶମ ଗାଡି ସହ ବୋଟ, ଲାଇଫ ଜ୍ୟାକେଟ ଧାରୀ ଯବାନଙ୍କୁ ମୁତୟନ କରାଯାଇଛି । ଷ୍ଟିଲ ବ୍ୟାରିକେଡ ଭିତରେ ରହି ଶୃଙ୍ଖଳିତ ଓ ନିରାପଦ ଭାବେ ଜଳ ଉଠାଇବାକୁ ପରାମର୍ଶ ଦିଆଯାଇଛି। ନଈରେ ଅଧିକ ସୁଅ (ପୃଷ୍ଠା ୭ରେ)

## ୮ ମହିଳା କ୍ୟାଡରଙ୍କ ସମେତ ୨୨ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି, ୧୧।୭

ନ୍ୟୁଜ୍ ବ୍ୟୁରୋ

ସୀମାନ୍ତ ଛତିଶଗଡର ନାରାୟଣପୁର ପୁଲିସକୁ ମିଳିଛି ବଡ ସଫଳତା । ଏସିପିଙ୍କ ସମ୍ମୁଖରେ ୨୨ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସମସ୍ତ ନକ୍ସଲ ଆବୁଝମାଡ ଅଞ୍ଚଳରେ ସକ୍ରିୟ ଥିଲେ। ଏମାନଙ୍କ ମଧ୍ୟରେ ୮ ଜଣ ମହିଳା ରହିଛନ୍ତି। ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ କିଛି ତେଲନାର, ଆମଦାଇ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଜୁଲାଇ, ଶନିବାର ୨୦୨୫





## ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣାର ବିକଳ ଚିତ୍ର

# ଖଟିଆରେ ବୁହାହେଲେ ଗର୍ଭବତୀ

**ଥୁଆମୂଳ ରାମପୁର, ନ୍ୟୁଜ୍‌ବ୍ୟୁରୋ**



ରାସ୍ତା ସମସ୍ୟା ଯୋଗୁ ଗାଁକୁ ଯାଇପାରିଲା ନାହିଁ ଆମ୍ବୁଲାନ୍ସ । ଫଳରେ ଜଣେ ଗର୍ଭବତୀଙ୍କୁ ୨କି.ମି. ଦୂର ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡ଼ିଲା । ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣାର ଏଭଳି ବିକଳ ଚିତ୍ର କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତର ବାର୍ଷିକୋଣା ଗାଁରେ ଦେଖିବାକୁ ମିଳିଛି । ସୂଚନା ମୁତାବକ ମଙ୍ଗଳବାର ସକାଳୁ ଗାଁର ମହେନ୍ଦ୍ର ମାଝୀଙ୍କ ସ୍ତ୍ରୀ ରଞ୍ଜିତା(୨୨)ଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଡାକ୍ତରଖାନା ନେବାପାଇଁ ଆମ୍ବୁଲାନ୍ସ ସହିତ ଯୋଗାଯୋଗ କରିଥିଲେ । ହେଲେ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସି ଇନ୍ଦ୍ରାବତୀ କେନାଲ ରାସ୍ତାରେ ଅଟକି ରହିଥିଲା । ପରେ ଗ୍ରାମବାସୀଙ୍କ ସହଯୋଗରେ ପରିବାର ଲୋକେ ଖଟିଆରେ ଦୁଇ କିଲୋମିଟର ଦୂରରେ ଅଟକିଥିବା ୧୦୮ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ । ରଞ୍ଜିତା କଲମପୁର ଡାକ୍ତରଖାନାରେ ଭର୍ତ୍ତି ହୋଇ ଏକ ଶିଶୁ କନ୍ୟା ଜନ୍ମ ଦେଇଥିବା ବେଳେ ମା’ ଓ ଝିଅ ଭଲ ଥିବା ସୂଚନା ମିଳିଛି ।

## ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଉନ୍ନୟନ ଅଧିକାରୀ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବ୍ଲକର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର । ଜୟପୁର ବ୍ଲକର ଟାଙ୍କୁଆ, ଡଙ୍ଗରଛିଣ୍ଡ଼, ବ୍ଲକ ଅଫିସରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ହୋଇଛି । ପ୍ରଧାନମନ୍ତ୍ରୀ ଆବାସ, ଏମଜିଏନଆରଇଜିଏସ ଯୋଜନାର କାର୍ଯ୍ୟକାରିତା, ସ୍କୁଲ, ଅଙ୍ଗନୱାଡ଼ୀ କେନ୍ଦ୍ର, ଅମୃତ ସୋରବର ବୁଲି ଦେଖି କାର୍ଯ୍ୟ ତ୍ୱରାନ୍ୱିତ କିରବା ନିର୍ଦ୍ଦେଶ ଦେଇ ଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହ ବିଡିଓ ଶକ୍ତି ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ ଉପସ୍ଥିତ ଥିଲେ ।

# ବଢ଼ୁଛି ବ୍ରାହ୍ମଣୀ : ନଦୀବନ୍ଧ ସୁରକ୍ଷା ନେଇ ନଦୀ କୂଳିଆ ଲୋକେ ଆତଙ୍କିତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଲଗାଣ ବର୍ଷା ହେବା ଫଳରେ ଏବେ ନଦୀରେ ଜଳ ସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହି କ୍ରମରେ ଯାଜପୁର ଜିଲ୍ଲା ବ୍ରାହ୍ମଣୀ ଓ ତା’ର ଶାଖା କେଲୁଅ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହି ଜଳସ୍ତର ବୃଦ୍ଧି ପାଇବା ଫଳରେ ନଦୀ ବନ୍ଧର ସ୍ଥାୟୀତ୍ୱକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଉଭୟ ନଦୀ କୂଳରେ ବସବାସ କରୁଥିବା ନଦୀ କୂଳିଆ ଲୋକେ ଏବେ ଆତଙ୍କିତ ହୋଇପଡ଼ିଛନ୍ତି । ବ୍ରାହ୍ମଣୀ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି । ବ୍ରାହ୍ମଣୀ ଓ ତା’ର ଶାଖା ନଦୀ କେଲୁଅ ନଦୀରେ ଜଳ ସ୍ତର ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି । ସମ୍ଭାବ୍ୟ ବନ୍ୟା ଆଶଙ୍କା କରି ଏବେ ଆତଙ୍କିତ ହୋଇପଡିଛନ୍ତି ଅଞ୍ଚଳ ବାସୀ । ବ୍ରାହ୍ମଣୀ ଓ ଶାଖା କେଲୁଅ ନଦୀ ବନ୍ଧ ଅନେକ ସ୍ଥାନରେ ଦୁର୍ବଳ ହୋଇପଡ଼ିଛି । ସରକାରୀ ସ୍ତରରେ ଦୁର୍ବଳ ନଦୀ ବନ୍ଧର ସୁଦୃଢୀକରଣ ପାଇଁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଯାଜପୁର ଜିଲ୍ଲା ଜାରକା ଜଳ ସମ୍ପଦ ବିଭାଗ ପକ୍ଷରୁ ନଦୀ ବନ୍ଧ ମରାମତି ପାଇଁ ଲକ୍ଷ ଲକ୍ଷ ବ୍ୟୟ ବରାଦ କରାଯାଇଥିଲା । ହେଲେ ନଦୀରେ ବନ୍ୟା ଜଳ ଆସିବା ପୂର୍ବରୁ କୌଣସି ନଦୀ ବନ୍ଧ ସମ୍ପୂର୍ଣ୍ଣଭାବେ ମରାମତି ହୋଇପାରିଲା ନାହିଁ । ଠିକାଦାର ନିଜ ମନମୁତାବକ କାମକୁ ଅଧପନ୍ତରିଆ କରି ଛାଡି ଦେଇଛନ୍ତି । ଧର୍ମଶାଳା ବ୍ଲକ କେଲୁଅ ନଦୀ ବନ୍ଧ ଦେଓଡା ପଞ୍ଚାୟତ ମାଝିପାଟଣା, ବାଙ୍କସାହି, ନାଳକୂଳ, ଭାବିଲ, ଭଗବାନପୁର, ଅରାବଳ, ସାନ ବାଲିକୁଦା ଓ ବ୍ରାହ୍ମଣୀ ନଦୀର କୁଣ୍ଡପାଟଣା, କୋଠଡିହ ଓ ବ୍ରହ୍ମବରଦା ଆଦି ସ୍ଥାନରେ ନଦୀ ବନ୍ଧ ଦୁର୍ବଳ ଅବସ୍ଥାରେ ରହିଛି । ଏବେ ନଦୀରେ ବନ୍ୟା ଜଳ ପ୍ରବେଶ କରିବା ଫଳରେ କିଛି ତଥାକଥିତ ଠିକାଦାର ଅନେକ ସ୍ଥାନରେ ଡଷ୍ଟ ଓ ମାଟି ପକାଇବାର ଦେଖିବାକୁ ମିଳିଛି । ଏପଟେ ଏହି ନଦୀ ବନ୍ଧର ସ୍ଥାୟୀତ୍ୱକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିଛନ୍ତି । ନଦୀରେ ବନ୍ୟା ଜଳ ପ୍ରବେଶ କରୁଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକାରୀ ତାଗିଦ୍ କରୁଥିବା ସତ୍ତ୍ୱେ ନଦୀ ବନ୍ଧର ତଦାରଖ କରିବା ପାଇଁ ନିର୍ଦ୍ଦେଶ ଥିଲେ ମଧ ବିଭାଗୀୟ ଅଧିକାରୀମାନଙ୍କ ଦେଖା ନାହିଁ କି ଦର୍ଶନ ମିଳୁ ନ ଥିବା ଯାହାକୁ ନେଇ ନଦୀ କୂଳରେ ବସବାସ କରୁଥିବା ନଦୀ କୂଳିଆ ଲୋକମାନେ ଅଭିଯୋଗ କରିବା ସହ ଭଗବାନଙ୍କ ଉପରେ ଭରସା କରିଛନ୍ତି ।

## ରଣପୁରରେ ଘିଅ ଠାରୁ ପିଇବା ପାଣି ସବୁ ନକଲି

# ଜିଲ୍ଲା ଓ ରାଜ୍ୟ ଉଚ୍ଚ ଅଧିକାରୀଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କଲେ ଲୋକେ

**ରଣପୁରଗଡ଼, ନ୍ୟୁଜ୍‌ବ୍ୟୁରୋ**



ଖାଦ୍ୟ ଅପମିଶ୍ରଣ ଯୋଗୁଁ ଲୋକମାନେ ପେଟରୋଗ ଠାରୁ ଆରମ୍ଭ କରି ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ହେଉଥିବା ବେଳେ ଖାଦ୍ୟ ନିରୀକ୍ଷକମାନେ ଅସାଧୁ ବ୍ୟବସାୟୀ ସହ ସାଲିସ କରି ନିଦରେ ରହୁଥିବା ଅଭିଯୋଗ ହେଉଛି । ସେଭଳି ଦେଖିବାକୁ ମିଳୁଛି ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ । ଦୋକାନମାନଙ୍କରେ ଯେଉଁ ଖାଇବା ଘିଅ ମିଳୁଛି ତା’ ମାନ ନକହିବା ଭଲ କାରଣ ଦୀପରେ ଲଗାଯାଉଥିବା ଘିଅ ଜଳୁନି । ସରକାର ପାନୀୟଜଳ ବ୍ୟବହୃତ ପାଣି ପାଉଚକୁ ବ୍ୟାନ କରିଥିବା ବେଳେ ଖୋର୍ଦ୍ଧା ମଳିପଡ଼ା ଅଞ୍ଚଳରୁ ବିନା ସୂଚନା ବିନା ଷ୍ଟାମ୍ପ ପାଣି ପାଉଚ ବିକ୍ରୟ ଚାଲିଛି । ମୁନାଫାଖୋର ବ୍ୟବସାୟୀ ମାନେ ଖୁଲମଖୁଲା ନକଲି ଘିଅ ଠାରୁ ପାଣି ପାଉଚ ବିକ୍ରୟ କରି ଚାଲିଛନ୍ତି । ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର କୁହନ୍ତି ଆମର ଖାଦ୍ୟ ନିରୀକ୍ଷକ ପଦବୀ ନାହିଁ । ନୟାଗଡ଼ ଜିଲ୍ଲା ଖାଦ୍ୟ ନିରୀକ୍ଷକ ନବକିଶୋର ସାହୁ କୁହନ୍ତି ଆମେ ମନ୍ଦିରରେ ବ୍ୟବହୃତ ଘିଅ ମଝିରେ ମଝିରେ ତନଖି କରୁଛୁ । ନକଲି ଘିଅ ଓ ନକଲି ପାଣି ପାଉଚ ବିକ୍ରୟକୁ ସ୍ୱୀକାର କରି କୁହନ୍ତି ଆମେ ଯିବା କଥା ଦୋକାନୀମାନେ ଖବର ପାଇ ଯାଉଛନ୍ତି । ତେଣୁ ଆମେ ଗଲାବେଳେ ଦୋକାନ ବନ୍ଦ ରହୁଛି । ନକଲି ପାଣି ପାଉଚ ମଧ ଆମ୍ଭେ ପାଉନାହୁଁ । ଜିଲ୍ଲା ଓ ରାଜ୍ୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଲୋ ଭୋଲଟେଜ୍ ସମସ୍ୟା ନେଇ ଅଭିଯୋଗ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବ୍ଲକ ଅନ୍ତର୍ଗତ ନନ୍ଦଗୁଡ଼ା ଗ୍ରାମରେ ଦୀର୍ଘଦିନ ଧରି ଲୋ ଭୋଲଟେଜ୍ ସମସ୍ୟାକୁ ଦୂର କରିବା ପାଇଁ ଟିପିଏସଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ନନ୍ଦଗୁଡ଼ା ଅଞ୍ଚଳ ପ୍ରକୃତି ବିହାର ସାହି ବାସିନ୍ଦାଙ୍କ ଅଭିଯୋଗ ହେଲା କାଳିଆଗାଁ ପାୱାର ଗ୍ରୀଡ୍‌ରୁ ଯେଉଁ ବିଦ୍ୟୁତ ସସ୍ପଯୋଗ କରାଯାଇଛି ସେଥିରେ ଲୋ ଭୋଲଟେଜ କରେଣ୍ଟ ଆସୁଛି । ଯାହା ଫଳରେ ଦିନ ରାତି ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ଗ୍ରାମାଞ୍ଚଳ ବିଦ୍ୟୁତ ସେବା ନଯୋଗାଇ ସହାରାଞ୍ଚଳ ବିଦ୍ୟୁତ ସେବା ଯୋଗାଇବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଦାବି ପତ୍ର ପ୍ରଦାନ ସମୟରେ ସନ୍ତୋଷ କୁମାର ମହାପାତ୍ର, ଗୁପ୍ତ ପ୍ରସାଦ ଷଡ଼ଙ୍ଗୀ, ବୈକୁଣ୍ଠ ବେହେରାଙ୍କ ସମେତ ଅନ୍ୟ ସାହି ବାସିନ୍ଦା ଉପସ୍ଥିତ ଥିଲେ ।

## ସ୍ଥାପନା ହେଲା ଆଖଣ୍ଡଳମଣି ମନ୍ଦିରର ରତ୍ନମୁଦ



**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

ଆଠଗଡ଼ ବ୍ଲକର ମେଘା ପଞ୍ଚାୟତ ଅନ୍ତର୍ଗତ ଧୂରୁକୁଡ଼ିଆ ଗ୍ରାମ ନିକଟସ୍ଥ କାଇପୁଡିଆ ଗ୍ରାମରେ ନିର୍ମାଣାଧୀନ ବାବା ଆଖଣ୍ଡଳମଣିଙ୍କ ମନ୍ଦିରର ରତ୍ନମୁଦ ସ୍ଥାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୧୯୮୯ ମସିହାରେ ଆରଡ଼ି ପୀଠରୁ ଆଜ୍ଞା ମାଳ ଆଣି ସାତଟି ବରଗଛ ଥିବା ଧୂରୁକୁଡ଼ିଆ ଠାରେ ହୁକୁମ ଦେଇ ଗ୍ରାମବାସୀ ବାବା ଆଖଣ୍ଡଳମଣିଙ୍କୁ ସ୍ଥାପନ କରିଥିଲେ । ସେହିଦିନ ଠାରୁ ସେଠାରେ ପ୍ରଭୁ ପୂଜା ପାଇ ଆସୁଛନ୍ତି । ଦୀର୍ଘ ଦିନ ପରେ ଭକ୍ତଙ୍କ ଆର୍ଥିକ ସହାୟତାରେ ଉକ୍ତ ସ୍ଥାନରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏବେ ମନ୍ଦିର ନିର୍ମାଣ କାମ ଆଗେଇ ଚାଲିଥିବା ବେଳେ ସମସ୍ତ ପାରମ୍ପରିକ ରୀତିନୀତି ଓ ପୂଜାକର୍ମ ସହିତ ରତ୍ନମୁଦ ସ୍ଥାପନା କରାଯାଇଛି । ସୁଶାନ୍ତ କୁମାର ପତ୍ରୀ, ସଂଗ୍ରାମ କିଶୋର ଦାଶ, କୃପାସିନ୍ଧୁ ଦାସଙ୍କ ଦ୍ୱାରା ରତ୍ନମୁଦ କାର୍ଯ୍ୟକ୍ରମ ସମାପନ ହୋଇଛି । ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ପତ୍ରୀ ପରିଚାଳନା କରିଥିଲେ ।

## କେନ୍ଦ୍ରାପଡ଼ାରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ବାଙ୍ଗାଲୋର ଦମ୍ପତି

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ବାଙ୍ଗାଲୋରର ଜଣେ ଦମ୍ପତି ସୁଦୂର କେନ୍ଦ୍ରାପଡ଼ାକୁ ଆସି ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଜଣାପଡ଼ିଛି । ଏହି ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ଆବେଦନ କରିଥିଲେ । ବାଙ୍ଗାଲୋର ନିଉ ଟାଉନ୍ ଗ୍ଲୋହଙ୍କ ଅଞ୍ଚଳର ରାହୁଲ୍ ବିହାନୀ ଏବଂ ତାଙ୍କ ଧର୍ମ ପତ୍ନୀ ବିନୁ ବିହାନୀ ଜଣେ ଶିଶୁ ପୁତ୍ରକୁ ଗ୍ରହଣ କରିବା ପାଇଁ କେନ୍ଦ୍ରାପଡ଼ାରେ ପହଞ୍ଚିବା ପରେ କେନ୍ଦ୍ରାପଡ଼ାର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲିଶ୍ରୀ ମହିଳା ସମିତିର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରୁ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଏବଂ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଉପସ୍ଥିତିରେ ଏହି ଦମ୍ପତିଙ୍କୁ ଶିଶୁପୁତ୍ର ହସ୍ତାନ୍ତର କରାଯାଇଛି । କାର୍ଯ୍ୟକ୍ରମରେ ଡିସିପିଓ ବିଜୟ କାନ୍ତ ସାହୁ, ଅନୁଷ୍ଠାନର ପରିଚାଳକ ବିଜୟ କୁମାର ଦାସଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ବରେଇପାଲି ଜଳ ବିଶୋଧନାଗାର ପରିଦର୍ଶନ କଲେ ଜିଲ୍ଲାପାଳ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ବଲପୁର ବରେଇପାଲି ସ୍ଥିତ ଜଳ ବିଶୋଧନାଗାରର ଉପକେନ୍ଦ୍ର ପରିଦର୍ଶନ କରିଛନ୍ତି । ସେଠାରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରି ସେଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଗତ ୨ ତାରିଖ ଠାରୁ ସହରର କିଛି ଅଞ୍ଚଳରେ ପାଇପ୍ ପାଣି ଗୋଳିଆ ଆସୁଥିବା ନେଇ ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ସମୟରେ କେତେକ ସ୍ଥାନରେ ଯୋଗାଣ ପାଇପ୍ ପାଣି ଆସୁନଥିବା ଅଭିଯୋଗ ହୋଇଥିଲା । ଉପରମୁଣ୍ଡରେ ବର୍ଷା ଓ ଜଳପତନ ବୃଦ୍ଧି ନେଇ ଚଳିତ ମାସ ୬ ତାରିଖରେ ହୀରାକୁଦରୁ ପ୍ରଥମ ବନ୍ୟା ପାଣି ଛଡ଼ା ଯାଇଥିଲା । ମାତ୍ର ସହରରେ ପାନୀୟ ଜଳର ଅଭାବ ଓ ସମସ୍ୟା ନେଇ ୬ ଓ ୭ ତାରିଖରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜନସ୍ୱାସ୍ଥ୍ୟ ବିଭାଗକୁ ଏକାଧିକ ଅଭିଯୋଗ ପତ୍ରରେ ଅବଗତ କରାଯାଇଥିଲା । ଯାହାକୁ ନେଇ ବରେହିପାଲି ସ୍ଥିତ ସହରର ବୃହତ୍ ଜଳ ବିଶୋଧନାଗାରର ଉପକେନ୍ଦ୍ରକୁ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ଅନୁଧ୍ୟାନ କରିଛନ୍ତି ।

## କାଙ୍ଗସିରି ସାହି ରାସ୍ତା ଅବସ୍ଥା ଶୋଚନୀୟ : ଲୋକେ ହନ୍ତସନ୍ତ



**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିଙ୍ଗାରି ପଞ୍ଚାୟତର କାଙ୍ଗସିରି ସାହି ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବା ଅଭିଯୋଗ ହୋଇଛି । ୨୦୧୮ମସିହାରେ ଗ୍ରାମର ଆଦିବାସୀ ସାହିରୁ ଡମ୍ବସାହି ପର୍ଯ୍ୟନ୍ତ ସିମେଣ୍ଟ ରାସ୍ତା କରାଯାଇଥିଲା । ତାହା ଅତି ଶୋଚନୀୟ ଅବସ୍ଥା ହୋଇଯାଇଛି । ସାମାନ୍ୟ ବର୍ଷା ହେଲେ ଗ୍ରାମରୁ ବାହାରିବାକୁ ଅସୁବିଧା ହେଉଛି । ସାହିରେ ସିମେଣ୍ଟ ରାସ୍ତା କରିବା ପୂର୍ବରୁ ଉଭୟ ପାର୍ଶ୍ୱରେ କେନାଲ କରିବା ପରେ ସିମେଣ୍ଟ ରାସ୍ତା କରିବା କଥା ତାହାକୁ ଠିକାଦାରମାନେ ଉପରେ ଉପରେ କାର୍ଯ୍ୟ କରି ଛାଡ଼ି ଦେଇଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହାକୁ ନେଇ ପଞ୍ଚାୟତରେ ଜଣାଇବା ପରେ ପଞ୍ଚାୟତରେ ଫାଇଲ ଖୋଲାଯାଇଛି କିନ୍ତୁ କାମ କେଉଁଠି ହୋଇଛି ଜଣା ନଥିବା ସହ ତୁରନ୍ତ ଉକ୍ତ ରାସ୍ତା ମରାମତି କରିବା ପାଇଁ ଗ୍ରାମର କୁନାକା ଲାଚି, ହୁଇକା ଟିଲ, ହୁଇକା ରୁପା, ଲାଞ୍ଜି ବିଦ୍ରାକା, ଗୌରୀ କୌଶଲ୍ୟା, ଜାଗାମା ହୁଇକା ପ୍ରମୁଖ ଅଭିଯୋଗ କରିଛନ୍ତି । ଉକ୍ତ ବିଷୟରେ ସରପଞ୍ଚ ନାଲା ପ୍ରେପକାଙ୍କୁ ପଚାରିବାରୁ ନୂତନ ଫାଇଲ ଖୋଲି ପଞ୍ଚାୟତ ପକ୍ଷରୁ କାମ କରାଯିବ ବୋଲି କହିଛନ୍ତି । କନିଷ୍ଠ ଯନ୍ତ୍ରୀ ଶିବ ଶଙ୍କର ହେମ୍ବ୍ରମଙ୍କୁ ପଚାରିବାରୁ ଫାଇଲ ଖୋଲା ଯାଇନାହିଁ ବୋଲି କହିଛନ୍ତି ।

## ସଂକୁଚିତ ହେବାରେ ଲାଗିଛି ଏନଏଚ ଠାରୁ ଖାରିଜ ପିରିପୁର ରାସ୍ତା

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

କିଛି ବର୍ଷ ତଳେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଆଜି ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଛି । ଏପରିକି ଦୁଇଟି ବାଇକ୍ ପାସ୍ କରିବା ବିପଦପୂର୍ଣ୍ଣ ହୋଇଯାଇଛି । ରାସ୍ତାଟିର ନିର୍ମାଣ ସଂସ୍ଥା ରକ୍ଷଣାବେକ୍ଷଣ ଅବଧି ସମୟ ସରିଯାଇ ଥିବାରୁ ଏଥିପ୍ରତି ଧ୍ୟାନ ଦେଉନଥିଲା ବେଳେ ଗ୍ରାମ୍ୟ ଉନୟନ୍ ବିଭାଗର ମଧ୍ୟ ରାସ୍ତା ପ୍ରତି ଦୃଷ୍ଟି ନାହିଁ । କେନାଲ ରାସ୍ତା ହୋଇଥିବାରୁ ଆରମ୍ଭରୁ ରାସ୍ତାଟି ଅଣଓସାରିଆ ଭବେ ନିର୍ମିତ ହୋଇଥିଲା ବେଳେ ଏବେ ଦୁଇ ପଟେ ଘାସ ଘମା, କଣ୍ଟା ଗଛରେ ଭର୍ତ୍ତି ହୋଇ ରାସ୍ତାଟିକୁ ବିପଦପୂର୍ଣ୍ଣ କରିଛି । ୧.୮କିଲୋ ମିଟର ଦୀର୍ଘ ବିଶିଷ୍ଟ ଏହି ରାସ୍ତା ସରସଦା ଗ୍ରାମପଞ୍ଚାୟତର ସବୁଠାରୁ ବଡ଼ ଗାଁ ପିରିପୁରକୁ ଯାଇଅଛି । ବିଶେଷ ଭାବେ ରାଜପଥରୁ ହରିଜନ ସାହି କୀର୍ତ୍ତନ ମଣ୍ଡପ ପର୍ଯ୍ୟନ୍ତ ଆଠ ଶହ ମିଟର ପିଚୁ ସମ୍ପୂର୍ଣ୍ଣ ନଷ୍ଟ ହୋଇ ନାହିଁ ହିଡ଼ ଭଳି ମଝି ଅଂଶ ୧୦ରୁ ୧୫ସେଣ୍ଟିମିଟର ଉଠି ଯାଇଛି । ଦୁଇଟି ବାଇକ୍ ପାସ୍ କରିବା ବେଳେ ସମସ୍ୟା ପାଲଟୁଛି । ଏହି ରାସ୍ତାକୁ ପୁନର୍ନିର୍ମାଣ କରିବାକୁ ଏସଡିଓ ରଂଜନ ନାୟକଙ୍କ ଠାରେ ଯୁବ ନେତା ରାମଚନ୍ଦ୍ର ସେନାପତିଙ୍କ ସମେତ ପିରିପୁର ବାସୀ ନିବେଦନ କରିଛନ୍ତି ।

## ହିଞ୍ଜିଳିରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ହିଞ୍ଜିଳିକାଟୁ, ନ୍ୟୁଜ୍‌ବ୍ୟୁରୋ**



ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ ପୂଜ୍ୟପୂଜା ଉଦ୍ଦେଶ୍ୟରେ ସ୍ଥାନୀୟ ଆରଏମସି ଛକ ସ୍ଥିତ ମେଡ଼ିକାଲ ରୋଡ଼ରେ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଏହା ସମେତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିକୃତି ମଧ ଉନ୍ମୋଚିତ ହୋଇଛି । ପୌର ପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ପଲେଇ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା ରୀତିନୀତି ଅନୁଯାୟୀ ଧୂପଦୀପ, ନୈବେଦ୍ୟ ଓ ଶ୍ରଦ୍ଧାସୁମନ ଅର୍ପଣ କରି ଏହି ମହାପୁରୁଷ ମାନଙ୍କ ପ୍ରତିକୃତି ଉନ୍ମୋଚନ କରିଥିଲେ । ଦୀର୍ଘ ଦିନ ଧରି ପୂଜ୍ୟପୂଜା ନିମନ୍ତେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣୀମାନଙ୍କ ପ୍ରତିକୃତି ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା । ତେବେ ଏହି ଗୌରବମୟ କ୍ଷଣରେ ହିଞ୍ଜିଳିକାଟୁ ଅଞ୍ଚଳର ବହୁ ଜନପ୍ରତିନିଧି, ସରକାରୀ ଅଧିକାରୀ, କର୍ମଚାରୀ, ସମାଜସେବୀ, ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ପାରଳାଖେମୁଣ୍ଡିର ତତ୍କାଳୀନ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତିଚାରଣ କରିବା ସହିତ ସେମାନଙ୍କ ଓଡ଼ିଶା ପ୍ରତି ଥିବା ଅବଦାନକୁ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପୌର ପରିଷଦର କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ଦାଶ ପରିଚାଳନା କରିଥିଲେ । ରମ୍ଭା ଏନଏସି ଇଓ ଆଶାଲତା ରଚାମାଲା, ଗଞ୍ଜାମ ଏନଏସି ଇଓ ଅପର୍ଣ୍ଣା ଡାଙ୍ଗୁଆ, ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ପୌରଯନ୍ତ୍ରୀ ମୁକେଶ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ମହାପାତ୍ର, କାଉନସିଲର ସରୋଜ ପଣ୍ଡା, ଗୋପବନ୍ଧୁ ବେହେରା, ବସନ୍ତ ବେହେରା, ସମାଜସେବୀ ରୋହିତ ବିଷୋୟୀ, ସଞ୍ଜୟ ସ୍ୱାଇଁ, ଭିକା ବେହେରା, ସନାତନ ନାହାକ, ସାମ୍ବାଦିକ ବିନାୟକ ପଟ୍ଟନାୟକ, ଲଳିତ ମୋହନ ପୋଲାଇ ଓ ଶେଷଦେବ ସାହୁ ଉପସ୍ଥିତ ଥିଲେ ।

## ଚୌଦ୍ୱାର କଲେଜରେ ବନ ମହୋତ୍ସବ ଓ ସେମିନାର

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଚୌଦ୍ୱାର କଲେଜ ତରଫରୁ ବନ ମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ପରିବେଶ ସୁରକ୍ଷା ସମ୍ପର୍କରେ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଏକ ସେମିନାର ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱନାକାହାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ ଯୋଗଦେଇ ଔଷଧୀୟ ବୃକ୍ଷ ରୋପଣ, ଚିହ୍ନଟ ଓ ସେସବୁର ଉଚିତ୍ ସଂରକ୍ଷଣ ବିଷୟରେ ଆଲୋକପାତ କରିଥିଲେ । ଅତି ଦରକାରୀ ବୃକ୍ଷ ଭୃଙ୍ଗରାଜ, ରକ୍ତମାଳୀ, ପିପଳି, ହାଡ଼ଯୋଡ଼ା, ଗିଲଇ ଆଦି ଔଷଧୀୟ ବୃକ୍ଷଗୁଡିକୁ ଚିହ୍ନି ତା’ର ରକ୍ଷଣାବେକ୍ଷଣ ପାଇଁ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଡ. ସସ୍ମିତା ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କଲେଜର ରୋଭର୍ସ ଆଣ୍ଡ ରେଞ୍ଜର୍ସ ପକ୍ଷରୁ କଲେଜ ପରିସରରେ ଔଷଧୀୟ ବୃକ୍ଷର ଚାରା ରୋପଣ କରାଯାଇଥିଲା ।

## ମରଣଯନ୍ତା ପାଲଟିଛି ଚମ୍ପୁଆ ଆଦର୍ଶ ବିଦ୍ୟାଳୟ ରାସ୍ତା

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ଆଦର୍ଶ ବିଦ୍ୟାଳୟକୁ ଯାଇଥିବା ରାସ୍ତାଟି ସାମାନ୍ୟ ବର୍ଷାରେ କାଦୁଅ ପଚପଚ ସହ ଖସଡ଼ା ହୋଇ ପଡୁଥିବାରୁ ବିଦ୍ୟାଳୟକୁ ଯିବା ପାଇଁ ଛାତ୍ରଛାତ୍ରୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟକୁ ଯିବା ବେଳେ ଖସଡ଼ା କାଦୁଅ ରାସ୍ତାରେ ପଡି ଛାତ୍ରଛାତ୍ରୀ ମାନେ ହଟହଟା ହେଉଥିବା ଦେଖିବାକୁ ମିଳୁଛି । ଚମ୍ପୁଆ ସଦର ମହକୁମା ତଥା ବ୍ଲକ୍ କାର୍ଯ୍ୟାଳୟର ଅନତି ଦୂରରେ ଥିବା ଏହି ସରକାରୀ ବିଦ୍ୟାଳୟର ରାସ୍ତା ପ୍ରତି ପ୍ରଶାସନର ଦୃଷ୍ଟି ପଡ଼ି ପାରୁନାହିଁ । ଚମ୍ପୁଆ ବ୍ଲକ୍ ମୁଖ୍ୟାଳୟରେ ସ୍ଥାପିତ ଏହି ବିଦ୍ୟାଳୟକୁ ପାଖାପାଖି ଦଶ ବର୍ଷ ହେବାକୁ ବସିଥିଲେ ମଧ ବିଦ୍ୟାଳୟ ରାସ୍ତାଟି ପ୍ରଶାସନର ଦୃଷ୍ଟି ଅନ୍ତୁଆଳରେ ରହିଛି । ଚମ୍ପୁଆ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ନିକଟ ଦେଇ ବିଦ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ନୂତନ ଭାବେ ରାସ୍ତା ନିର୍ମାଣ ହେଉନାହିଁ କି ରାସ୍ତା ଉପରେ ଆଜି ପର୍ଯ୍ୟନ୍ତ ମାଟି ମୁଠେ ପଡ଼ି ପାରିନାହିଁ । ବର୍ଷା କାଦୁଅରେ ରାସ୍ତାଟି ଖସଡ଼ା ହୋଇପଡ଼ିଥିବାରୁ ଗାଡ଼ି ଚଳାଚଳ ତ ଦୂରର କଥା ପାଦରେ ଚାଲିଚାଲି ଯିବା ମଧ କଷ୍ଟକର ହୋଇପଡୁଛି । ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ ଜୀବନକୁ ବାଜି ଲଗାଇ ବିଦ୍ୟାଳୟକୁ ଯାଉଥିବା ଦେଖିବାକୁ ମିଳୁଛି । ଖୋଦ ଚମ୍ପୁଆ ଉପଜିଲ୍ଲାପାଳ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଥିଲେ ମଧ ରାସ୍ତା ପ୍ରତି ପ୍ରଶାସନର ନଜର ନ ପଡିବା ପରିତାପର ବିଷୟ ପାଲଟିଛି । ରାସ୍ତା ନିର୍ମାଣ ନେଇ ପୂର୍ବରୁ ବିଦ୍ୟାଳୟ ତରଫରୁ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଉଥିଲେ ମଧ ରାସ୍ତା ନିର୍ମାଣ ହୋଇ ପାରୁନାହିଁ । ଯାହାକୁ ନେଇ ଅଭିଭାବକ ତଥା ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି । ଅତିଶୀଘ୍ର ରାସ୍ତା ନିର୍ମାଣ ନେଇ ଅଭିଭାବକ ମହଲରେ ଦାବି ହେଉଛି ।

# ଦରବୃଦ୍ଧି ସତ୍ତ୍ୱେ ବଢୁନି ମଧ୍ୟାହ୍ନ ଭୋଜନର ମାନ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ପିଲାଙ୍କୁ ସ୍କୁଲ ମୁହାଁ କରିବା ସହ ସରକାରୀ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ଲକ୍ଷ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଫଳରେ ସମସ୍ତ ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ୬ ରୁ ୧୪ ବର୍ଷ ବୟସର ଛାତ୍ରଛାତ୍ରୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ସେମାନଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବାକୁ ଉଦ୍ୟମ କରାଯାଇଥିଲା । ତେବେ ଜିଲ୍ଲା ଶିକ୍ଷା ବିଭାଗ ଓ ବିଦ୍ୟାଳୟସ୍ତରରେ ଏହି ଯୋଜନାକୁ ସେତେଟା ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଅଭିଯାନ କ୍ରମରେ ପ୍ରଥମରୁ ଦଶମ ଛାତ୍ରଛାତ୍ରୀମାନଙ୍କୁ ସୋମବାର, ବୁଧବାର ଓ ଶୁକ୍ରବାର ଅଣ୍ଡା ଦିଆଯିବା ସହିତ ମଙ୍ଗଳବାର, ଗୁରୁବାର ଓ ଶନିବାର ପୋଷଣଯୁକ୍ତ ଲଡୁ ମଧ୍ୟାହ୍ନ ଭୋଜନରେ ଦିଆଯିବାର ବ୍ୟବସ୍ଥା ରହିଛି । ତେବେ ଖାଦ୍ୟର ମାନ ଦିନକୁ ଦିନ ହ୍ରାସ ପାଉଥିବାରୁ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନକୁ ନାପସନ୍ଦ କରୁଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ହେଉଥିବା ଅଥବା ଯୋଗାଣ ହେଉଥିବା ମଧ୍ୟାହ୍ନ ଭୋଜନରେ ଭାତ ଟାଣ ରହିବା ସହିତ ମାନରେ ହ୍ରାସ ଅଭିଯୋଗ ହୋଇଛି । ଉକ୍ତ ଖାଦ୍ୟକୁ ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ଅନୁଭବ ହେଉଥିବା କିଛି ଛାତ୍ର ଅଭିଯୋଗ କରିଛନ୍ତି । ଫଳରେ ସହରରେ ଅନ୍ୟତମ ପୁରାତନ ବିଦ୍ୟାଳୟ ସିଟି ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ ସମୟରେ ଅନେକ ଛାତ୍ରମାନେ ଘରୁ ଟିଫିନ୍ ଆଣି ବିଦ୍ୟାଳୟରେ ଖାଉଥିବା ବେଳେ କେତେକ ଛାତ୍ର ବାହାରେ ଉପଲବ୍ଧ ହେଉଥିବା ବିରିଆନି କିଣି ଖାଉଥିବା ଦେଖିବାକୁ ମିଳିଛି । ଶୁକ୍ରବାର ସିଟି ହାଇସ୍କୁଲର ଦଶମ ଶ୍ରେଣୀରେ ୬୩ ଓ ନବମ ଶ୍ରେଣୀରେ ୭୧ ଜଣ ଛାତ୍ର ଉପସ୍ଥିତ ଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଛାତ୍ର ଘରୁ ଆଣିଥିବା ଟିଫିନ୍ ଖାଇଥିଲେ । ଫଳରେ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗାଣ ହେଉଥିବା ରନ୍ଧା ଖାଦ୍ୟ ନଷ୍ଟ ହେଉଛି । ଏନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳକୃଷ୍ଣ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ବିଭିନ୍ନ ସମୟରେ ଛାତ୍ର ଓ ଅଭିଭାବକଙ୍କୁ ବୁଝାଇବା ପରେ ମଧ ସେମାନେ ଟିଫିନ୍ ଆଣୁଛନ୍ତି । ସେପଟେ ଦରବୃଦ୍ଧିକୁ ଦୃଷ୍ଟିରେ ରଖି ଗତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ପିଏମ୍ ପୋଷଣ ଯୋଜନାରେ ମିଳିଥିବା ମଧ୍ୟାହ୍ନ ଭୋଜନ ବାବଦ ଖର୍ଚ୍ଚ ବଢ଼ାଇବାକୁ ନିଷ୍ପତି ହୋଇଥିଲା । ଏହାଦ୍ୱାରା ପିଲାଙ୍କ ଖାଦ୍ୟର ମାନବୃଦ୍ଧି ପାଇବ ବୋଲି ଆଶା କରାଯାଇଥିଲା । ତେବେ ସାହା ହୋଇପାରିନାହିଁ । ପୂର୍ବରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ମଧ୍ୟାହ୍ନ ଭୋଜନ ବାବଦକୁ ପ୍ରତି ପିଲାଙ୍କ ଖର୍ଚ୍ଚ ବାବଦକୁ ୫ ଟଙ୍କା ୯୦ ପଇସା ଥିବା ବେଳେ ତାହା ବୃଦ୍ଧି ପାଇ ୭ ଟଙ୍କା ୬୪ ପଇସା ହୋଇଛି । ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପ୍ରତି ପିଲାଙ୍କ ପାଇଁ ଥିବା ୮ ଟଙ୍କା ୮୨ ପଇସାକୁ ୧୦ ଟଙ୍କା ୯୪ ପଇସାକୁ ବୃଦ୍ଧି କରାଯାଇଛି । ଗତବର୍ଷ ଡ଼ିସେମ୍ବରରୁ ଏହି ବର୍ଦ୍ଧିତ ରାଶିରେ ମଧ୍ୟାହ୍ନ ଭୋଜନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଛି । ତଥାପି ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣରେ ବିଦ୍ୟାଳୟଗୁଡ଼ିକରେ ପ୍ରଦାନ କରାଯାଉଥିବା ମଧ୍ୟାହ୍ନ ଭୋଜନର ମାନରେ କୌଣସି ବୃଦ୍ଧି ହୋଇନାହିଁ । ସହରର କେବଳ ସିଟି ହାଇସ୍କୁଲ ନୁହେଁ ବରଂ ପ୍ରାୟ ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନକୁ ନାପସନ୍ଦ କରୁଥିବା ଦେଖିବାକୁ ମିଳିଛି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ଧ୍ୟାନ ଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି ।

## ନୂତନ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ମାନସ ରଞ୍ଜନ ମହାପାତ୍ର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ନୂତନ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ମହାପାତ୍ର ପୂର୍ବତନ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କୁ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହି ଅବସରରେ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ପ୍ରକାଶ ଯେ, ନୂତନ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଯାଜପୁର ଜିଲ୍ଲା ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟରତ ରହିଥିଲେ । ତାଙ୍କୁ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଭାବେ ପଦୋନ୍ନତି ପରେ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ଯୋଗଦାନ କରିଛନ୍ତି । ଏହିପରି ପୂର୍ବତନ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ପଣ୍ଡାଙ୍କୁ ମୟୂରଭଞ୍ଜ ଜିଲ୍ଲା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ବଦଳୀ ହୋଇଯାଇଛି ।

## ସେଇ ଦୁଇ ଆଖି



*ରତ୍ନକାନ୍ତି ମିଶ୍ର*

ବ୍ରାହ୍ମ ମୁହୂର୍ତ୍ତରୁ ନୀଳ ତୃଷ୍ଣା ମୋର ହୃଦୟରେ ଜାଗରିତ
ଲାଗିଲା ମୋ ପାଶେ ଉଭା ସ୍ମିତ ହସି ସ୍ୱୟଂ ପ୍ରଭୁ ଜଗନ୍ନାଥ
ଅନନ୍ତ ଆବେଗ ଉଛୁଳି ପଡିଲା ଭାବର ତଟିନୀ କୂଳେ
ସତେ ସେଇ ଦୁଇ ବର୍ତ୍ତୁଳ ନୟନୁ ଶ୍ରଦ୍ଧାଶୀଳ ଦୃଷ୍ଟି ଝଳେ ।।

ପଢି ସେ ପାରଇ ଜଗତ ଜନଙ୍କ ଅସୁମାରୀ ଦୁଃଖ ବ୍ୟଥା
ସେ ଆଖି ଆଗରେ ଲୁଚାଇ କେ ପାରେ ମନଗହନର କଥା
ସକାଳେ ସୂରୁଜ ରାତିରେ ଶଶାଙ୍କ ସତେ ସେଇ ଦୁଇ ଆଖି
ବିମୋହିତ କରେ ସାରା ସଂସାରକୁ ପବିତ୍ର ଅଞ୍ଜନ ମାଖି ।।

ନୀଳ ଜଳରାଶି ପରେ ବିଭାସିତ ଲାଗେ ଦୁଇ ଆଖି ଛାଇ
କେବେ ସେ ପଦୁଅଁ ଖୁସି ଢଳଢଳ କେବେ ପ୍ରୀତି ନୀଳ କଇଁ
ସେ ଆଖିରେ ଅଛି ଅମ୍ଳାନ ସୁଷମା କରେ ଭକ୍ତେ ସମ୍ମୋହନ
ଦର୍ଶନ ମାତ୍ରକେ ସୌଭାଗ୍ୟ ମଣ୍ଡିତ କୋଟି ଆତୁରିତ ପ୍ରାଣ ।।

ପଲକ ବିହୀନ ସେ ଚକା ଆଖିରେ ଆଖି ଥରେ ଗଲେ ମିଶି
ପଲକ ମାତ୍ରକେ ଦିବ୍ୟ ଅନୁଭୂତି ପ୍ରାପ୍ତ ହୁଏ ଅଭିଳାଷୀ ।।

*ଆଳି, କେନ୍ଦ୍ରାପଡା*
*ମୋ-୮୨୪୯୭୯୯୯୬୧*

## ଅଖ ଘୁରୁଥିଲେ...

*ଲକ୍ଷ୍ମୀପ୍ରିୟା ପୃଷ୍ଟି*

ଗୁଣ ଚିହ୍ନେ ସିନା ଗୁଣିଆ ଜାଣିଆ
ସୁନାକୁ ଚିହ୍ନେ ବଣିଆ
ଅତି ଖାତିରିଆ, ସବୁକୁ ଆଗୁଆ
ନୁହଁନ୍ତି କୋଉ କୁଳିଆ ।

ଆଖି ବୁଜିଦେଇ ଦୁଧ ପିଉଥାଇ
ଦୁନିଆକୁ ଭାବି ବୋକା
ଏମିତି ବିଲେଇ ସବୁଠି ଠକଇ
ପାଇ ସବୁଠେଇଁ ଧକ୍କା ।

ଅନ୍ଧାର ରାତିରେ ଆଲୁଅ ଦେଖାଇ
ଦୀପ ଜଳେ ଦପ ଦପ
ଦୀପ ତଳ ଦୁଃଖ କେହି ନଜାଣଇ
(ସେତ) ପୁଣ୍ୟ ଘେରା ଗୋଟେ ପାପ ।

ଅଖ ଘୁରୁଥିଲେ ଚକ ଘୁରୁଥାଇ
ଘୁରି ପଡୁଥାଇ ପହି
ଆଜି ଯେ ନିଜର କାଲି ସିଏ ପର
ରହିଥା ଶୂନ୍ୟକୁ ଚାହିଁ ।

ସମ୍ପଦରେ ସବୁ ନିଜର ନିଜର
ବିପଦରେ ବନ୍ଧୁ ଚିହ୍ନି
ସଭାରେ ମଣ୍ଡୁକ ବଜାଏ ତା ତାନ
ପିକ ସେଥିପାଇଁ ତୁନି ।

*ଅଧ୍ୟାପିକା, ଦଶରଥପୁର ଉଚ୍ଚତର*
*ମାଧ୍ୟମିକ ବିଦ୍ୟାଳୟ, ଯାଜପୁର*
*ଫୋନ୍-୭୩୭୭୩୧୮୭୮୯*

## ଅସ୍ତିତ୍ୱ

*ମିନାକ୍ଷୀ ଦ୍ୱିବେଦୀ*

ଶବ୍ଦ ବି ନିରବତାର ଛାଇ
ସ୍ପନ୍ଦନ ମଧ୍ୟ ନିଜେ ଅଜଣା,
ବତାସ ଛୁଇଁଯିବା ଗଳିରେ
ପଛକୁ ଦେଖିଲେ ତ
ଦେଖିବାକୁ ମିଳେ କେବଳ ଧୂଳି
କିଛି ସ୍ମୃତି ଶିରା ଧରି ହସେ,
ସବୁ ରଙ୍ଗ ଧୂଆଁ ହୋଇ ଉଡ଼େ,
କେବଳ ରହିଯାଏ ଆକାଶର ଚିରନିର୍ବାଣ
ଆକାଶରେ ଦାଗ ଅଛି,
ସେ ଦାଗ କାହାର ଅଶ୍ରୁ ତୁଳି ?
ବିଚ୍ଛିନ୍ନ ଅନୁଭୂତି ମାନେ ଆସନ୍ତି ଓ ଯାଆନ୍ତି
ଏକ ଅଲୋକିକ ଛାୟା
ଯାହା ଅନୁଭୂତି ଭିତରେ ନୃତ୍ୟ କରେ
ସେତେବେଳେ ମୋ ଚିନ୍ତା
ଆକାର ନିଏ ଲହରୀ,
ମୁଁ ଏଠି ନାହିଁ, ମୁଁ ସେଠି ମଧ୍ୟ ନାହିଁ
ନା ଅଙ୍କିତ ମାନଚିତ୍ର,
ନା କୌଣସି ଆଖିର ଅନ୍ତ
ମୁଁ ଏକ ଅଚିହ୍ନିତ ଦିଗ,
ମୋ ଛାୟା ଚିତ୍କାର କରେ ମୌନ ଗଳିରେ
ଅନୁପସ୍ଥିତି ମଧ୍ୟରେ ଥିବା ଅସ୍ତିତ୍ୱ...
ଏକ ରୂପହୀନ ଭାବନା
ଯେଉଁଠି ଅସ୍ତିତ୍ୱ ମଧ୍ୟ ନିଜେ ନିର୍ବାଚିତ ହୁଏ
ଯାହାକୁ ଛୁଇଁ ପାରେ ନାହିଁ,
କିନ୍ତୁ ଅନୁଭବ କରେ ହୃଦୟ ।

*ମୋ-୭୯୭୮୦୮୨୮୩୪*

## ପାଇଛୁ... ପଢ଼ିଛୁ...



### ଅମୃତପୁରୁଷ ଶ୍ରୀଜଗନ୍ନାଥ

ପ୍ରକାଶ ପାଇଛି ପୀତବାସ ରାଉତରାୟଙ୍କ ସଂପାଦିତ 'ଅମୃତପୁରୁଷ ଶ୍ରୀଜଗନ୍ନାଥ' । ଶ୍ରୀଜଗନ୍ନାଥ ସିରିଜର ଏହା ୨୪ ତମ ସଂକଳନ । ଏହି ସଂକଳନରେ ଜଗନ୍ନାଥଙ୍କ କରୁଣାରେ ଅଭିଭୂତ, ତାଙ୍କ ପ୍ରେମରେ ଆପ୍ଲୁତ ଶ୍ରଦ୍ଧାଳୁ ଭକ୍ତଙ୍କ ଅନ୍ତର୍ମନରୁ ବାହାରିଥିବା ଅନୁଭୂତିକୁ ସୁନ୍ଦର ଗଳ୍ପ, କବିତା ଏବଂ ଆଲେଖ୍ୟ ମାଧ୍ୟମରେ ପାଠକମାନଙ୍କ ଉଦ୍ଦେଶ୍ୟରେ ପରଶା ଯାଇଛି ଖୁବ୍ ମାର୍ମିକ ଭାବେ । ସଂପାଦକଙ୍କ ବହୁମୂଲ୍ୟ ସମୟ ଏବଂ ପ୍ରାଜ୍ଞ ଅନୁଭବ ପୁସ୍ତକଟିକୁ ସର୍ବାଙ୍ଗ ସୁନ୍ଦର କରି ତୋଳିଛି । ବିଭିନ୍ନ ବିଭାଗ ମଧ୍ୟରେ ଏଥିରେ ରହିଛି–ସ୍ମୃତି ନିବେଦନ, ଜଗନ୍ନାଥ ନମନ, ପଦ୍ମଶ୍ରୀ ସାକ୍ଷାତକାର ସମ୍ଭାଷଣ, ସ୍ୱର୍ଗତ ରଜତ କରଙ୍କ ଏକ ଅପ୍ରକାଶିତ ରଚନାର ପ୍ରକାଶନ, ଜନ୍ମଶତବାର୍ଷିକୀର ପ୍ରଣାମ, ବୟୋଜ୍ୟେଷ୍ଠ ଲେଖକଙ୍କ ବାଲ୍ୟସ୍ମୃତିର ବୟାନ, ପ୍ରବନ୍ଧେ ପୁରୁଷୋତ୍ତମ, ପୁରସ୍କୃତ ପ୍ରତିଭାଙ୍କ ବୟାନ, ଦୁଇ ସମ୍ପାଦକଙ୍କ କଥନ, ପୁରସ୍କୃତ ପ୍ରତିଭା; ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ, ଦୁଇ ପତ୍ରିକା ସମ୍ପାଦକଙ୍କ କଥନ, ତିନୋଟି ଗଳ୍ପ ଚୟନ, ଜନ୍ମସହସ୍ରାବ୍ଦୀ ସନ୍ଥଙ୍କ ସ୍ମୃତିଚାରଣ, ଚିନ୍ତା ଓ ଚେତନ, ଦୁଇ ପ୍ରସିଦ୍ଧ ମଠର କଥନ, ଦୁର୍ଲ୍ଲଭ ବଉଳ ଗଛ ଚୟନ, ଶ୍ରୀଜଗନ୍ନାଥ ପ୍ରେରଣାପ୍ରସୂତ ପୁସ୍ତକ ପ୍ରକାଶନ, ଶ୍ରୀମନ୍ଦିର ପ୍ରଶାସକଙ୍କ ସ୍ମୃତିଚାରଣ, ସ୍ମରଣୀୟ ଅନୁଭୂତିଗୁଚ୍ଛର ବର୍ଣ୍ଣନ, ଲୀଳାକ୍ଷେତ୍ରେ ଚିତ୍ରଶିଳ୍ପୀଙ୍କ ଅଙ୍କନ, କବିତା ବିତାନ, ପାଞ୍ଚଟି ଅନ୍ତରଙ୍ଗ ବୟାନ, ବାଇଶ ପାହାଚର ବାଇଶଟି ସ୍ପନ୍ଦନ, ଶ୍ରୀଜଗନ୍ନାଥଙ୍କ ସେବା ଓ ସେବକଙ୍କ ଅନୁଭୂତି ବୟାନ, ସେବକଙ୍କ କଲମ ମୁନ ଏବଂ ଉପସ୍ଥାପକଙ୍କ କଲମ ମୁନ ପ୍ରଭୃତି । ଏହା ସହ ରଙ୍ଗୀନ କାଗଜରେ ପ୍ରକାଶ ପାଇଛି ଗୁପ୍ତଲୀଳାକ୍ଷେତ୍ର ଗଞ୍ଜାମ ଜିଲ୍ଲା ପୋଲସରା ନିକଟସ୍ଥ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିରଠାରେ ୨୦ ଜଣ ଚିତ୍ରଶିଳ୍ପୀଙ୍କ ଅଙ୍କିତ 'ବ୍ରହ୍ମ ଶରଣମ୍' ଯାହା ଅତ୍ୟନ୍ତ ଉଚ୍ଚକୋଟିର ହୋଇଛି । ଜଗନ୍ନାଥ ପ୍ରେମୀ ଭକ୍ତ ଏବଂ ଗବେଷଣାରତ ଛାତ୍ର/ଛାତ୍ରୀଙ୍କ ପାଇଁ ଏହା ଏକ ଉପାଦେୟ ପୁସ୍ତକ । ମହାବୀର ପ୍ରକାଶନ ଦ୍ୱାରା ପ୍ରକାଶିତ ୫୪୪ ପୃଷ୍ଠାର ଏହି ପୁସ୍ତକର ମୂଲ୍ୟ ରହିଛି ମାତ୍ର ଚାରିଶହ ଟଙ୍କା ।

### ସ୍ମୃତିର ନଦୀତୀରେ




ପ୍ରକାଶ ପାଇଛି ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଏଯାବତ୍ ବିତାଇଥିବା ଜୀବନର ମୂଲ୍ୟବାନ ସ୍ମୃତିର ଚିତ୍ରପଟ୍ଟ । ତେବେ ଏହା ସଂପୂର୍ଣ୍ଣ ଜୀବନ କାହାଣୀ ନୁହେଁ, ଏହା ତାଙ୍କ ଜନ୍ମଠାରୁ ୧୯୭୬ ମସିହା ମଧ୍ୟରେ ଘଟିଥିବା ଘଟଣାକୁ ନେଇ ଏକ ଅର୍ଦ୍ଧ ଜୀବନୀ ଅଟେ । ପ୍ରଫେସର ନାୟକ ନିଜ ଜୀବନରେ ଭେଟିଥିବା କିଛି ବ୍ୟକ୍ତି ଏବଂ କିଛି ଘଟଣା ଯାହା ତାଙ୍କୁ ପ୍ରଭାବିତ କରିପାରିଛି ତାକୁ ନେଇ ସ୍ମୃତିଚାରଣ କରିଛନ୍ତି । ନିଜ ବାଲ୍ୟ ଜୀବନ ସହ ନିଜ ଗାଁ, ବିଦ୍ୟାଳୟ, ଗୁରୁଜନ, ଶିକ୍ଷକ ଶିକ୍ଷୟିତ୍ରୀ, ପରିବାର, ସାଂଗସାଥୀ, କଲେଜ ଜୀବନ, ଡାକ୍ତରୀ ପଢା ସମୟ, ବୃତ୍ତିଗତ ଜୀବନ, ଧର୍ମ, ରାଜନୀତି ଏପରିକି ବ୍ୟକ୍ତିଗତ ଜୀବନକୁ ମଧ୍ୟ ସେ କେଉଁଭଳି ଭାବରେ ଦେଖିଛନ୍ତି ଏବଂ ଅନୁଭବ କରିଛନ୍ତି ତାକୁ ଲିପିବଦ୍ଧ କରିଛନ୍ତି ଏହି ପୁସ୍ତକରେ । ତାଙ୍କର ଏହି ଅନୁଭୂତି ସବୁ ସ୍ତମ୍ଭ ଭାବରେ 'ସମ୍ବାଦ କଳିକା' ଖବର କାଗଜରେ ପ୍ରକାଶିତ ହୋଇ ତାଙ୍କୁ ଅନେକ ପ୍ରସିଦ୍ଧି ଆଣିଦେଇଥିଲା । ଏହି ପୁସ୍ତକରେ ସନ୍ନିବେଶିତ ହୋଇଥିବା ବିଷୟ ଗୁଡିକ ମଧ୍ୟରେ ରହିଛି 'ନାରୀଗାଁ ଚଉପାଢୀ ଆମର ମୂଳ ବୁନିଆଦି, ସତ୍ୟ, ଧର୍ମ, ନ୍ୟାୟ ଓ ମାନବ ପ୍ରେମର ପ୍ରତୀକ– ମୋ ବାପା ଦୈତାରୀ ନାୟକ, ମୋ ବୋଉ ଚିତ୍ରକଳା ନାୟକ, ଆମ ଗାଁର ବୈତରଣୀ ନଦୀ, ୧୯୬୪ ମସିହାର ଛାତ୍ର ଆନ୍ଦୋଳନ, ନଈ ପହଁରା, ସାଳନ୍ଦୀ କୂଳରେ ଉତ୍ତର ଛାତ୍ରାବାସ, ସେ ବେଳର ଶିକ୍ଷା ଓ ଶିକ୍ଷକ, ବିଜ୍ଞାନ ପାଠରେ ମାତୃଭାଷା ପାଠ୍ୟକ୍ରମ ପ୍ରଭୃତି ଏବଂ ଆହୁରି ଅନେକ । ପୁସ୍ତକର ପଛପାଖରେ ତାଙ୍କ ସ୍ମୃତିର ବିରଳ ଫଟୋସବୁ ସ୍ଥାନିତ ହୋଇ ପୁସ୍ତକଟିର ମର୍ଯ୍ୟାଦାକୁ ବହୁଗୁଣିତ କରିଛି । ଚିତ୍ରକଳା ପ୍ରକାଶନୀ ଦ୍ୱାରା ପ୍ରକାଶିତ ୮୨୦ ପୃଷ୍ଠାର ଏହି ପୁସ୍ତକର ମୂଲ୍ୟ ରହିଛି ୯୫୦ଟଙ୍କା ।

## ମିନି କବିତା

*ଡ. ପ୍ରମୋଦ କୁମାର ମଲ୍ଲିକ*

ଜୀବନ ପୁସ୍ତକ ପ୍ରତିଟି ଫର୍ଦ୍ଦରେ
ଯନ୍ତ୍ରଣାର ସ୍ୱର ଲିପି
ଅଜସ୍ର ଲୁହର ପ୍ରକୋପ ପ୍ରଲେପ
କାରୁଣ୍ୟର ପାଣ୍ଡୁଲିପି ।

ମୋହର ମୁହାଣ ତୁମୁଳ ତୋଫାନ
ଅନେଶ୍ୱଣ ସୀମାହୀନ
ମିଛ ମୃଗ ତୃଷ୍ଣା ମାୟା ମରୀଚିକା
ନିଶ୍ୱ ବିହଙ୍ଗ ଉଡାଣ ।

ସଜାଡୁ ସଜାଡୁ ବେଳ ସରିଗଲା
ଦର୍ପଣ ସମ୍ମୁଖେ ଠିଆ ହୋଇ
ନିଜ ଚେହେରାକୁ ଦେଖାଇ ପାରିନି
ସଞ୍ଜ ଡାକି ଦେଲା କହି ।

ମୃତ୍ୟୁର ଦୁଆରେ ନିତି କାନ୍ଦି ମରେ
ମୃତ୍ୟୁ ଅଛି ବହୁ ଦୂରେ
ଜୀବନ ଥାଇ କି ନିତି ମୃତ୍ୟୁ ଦେଖେ
ଜୀବନର ଜଉ ଘରେ ।

ଦୁଃଖର ନଦୀରେ ନିତି ସ୍ନାନ କରେ
ପ୍ରାୟଶ୍ଚିତ ମନାସିକି
ସେହି ଦୁଃଖ ପୁଣି ନିତି ମାରେ ଝୁଣି
ହୃଦେ ଜାବୁଡ଼ି ସ୍ମୃତିକି ।

ଆଉ କେତେ ଦିନ ଏମିତି ଚାଲିବ
ନିଜ ଶବ କାନ୍ଧେ ବୋହି
ପେଚାର କୁହାଣ ଶାଗୁଣା ଉଡାଣ
ଡାକୁଛନ୍ତି ରହି ରହି ।

ଆଳାପର ଭାବ ଅସ୍ତରାଗ ରଙ୍ଗ
ଆଞ୍ଜୁଳା ଆଞ୍ଜୁଳା ପ୍ରେମ
କାମନା ଛଟାରେ ଲେଖି ହୋଇଯାଏ
ସ୍ୱେଦ ବୁନ୍ଦା କୋଟି କମ ।



## ହଁ ବୋଲି କହିଲେ

*ପ୍ରଶାନ୍ତ ଚନ୍ଦନ*



କ'ଣ ଉଶ୍ୱାସ ରହେ ନା ନିଶ୍ୱାସ
ମାରେ...
ହେଲେ ମିଛଟା ଯେ
ପ୍ରଚୁର ପରିମାଣରେ ଥାଏ,
ଥାଏ ପୁଣି ଠକ, ଭଣ୍ଡ, ଲନ୍ଦଫନ୍ଦ,
ଖରାପ ନୁହେଁ...
ଏଠି ତମେ ହୁଅ କି ମୁଁ ହେଉ
ତା'ର ଅସ୍ତିତ୍ୱ ନ ଥାଏ,
ଅସ୍ତିତ୍ୱ ଥାଏ କେବଳ ଆଶ୍ଚର୍ଯ୍ୟର...
ବିସ୍ମୟର...
ଯାହା ସ୍ୱୀକାରକୁ ସ୍ୱୀକାରୋକ୍ତିରେ,
ଗ୍ରହଣକୁ ଗ୍ରହଣୀୟତାରେ
ଚମତ୍କୃତ କରିଦିଏ...
ବିଚରା / ବିଚାରିକୁ ସେତେବେଳେ
ସେଠି ଶ୍ୱାସ ତ ନୁହେଁ
ଦୀର୍ଘଶ୍ୱାସ ନେବାକୁ ବି ବାଧ କରିଦିଏ
ଆଉ କ'ଣ ରହିବ ନା
ହଁ ବୋଲି ଯୋଡି ହୋଇଯାଏ
ସେ କ'ଣ ଜାଣିଥିଲା କି
ନା ଆଜି ଜାଣୁଛି କହି
ସତର୍କତାର ଉପାୟ ବି
ଅବଲମ୍ବନ କରେ !!

*ଇରିଗେସନ୍ କଲୋନୀ, ଲେନ୍-୩, ଭବାନୀପାଟଣା, କଳାହାଣ୍ଡି*
*ମୋ-୮୦୧୮୨୩୬୭୨୦*

## ଝରି ବରଷାର ବେଳ

*ସୁହଂସ ଭୋଇ*



ସଞ୍ଜ ବେଳଟାରେ କଳାମେଘ ଦେଖି
ମାଆ ମନଗୋଟି ଡରେ
ବରଷା ଆସିଲେ କେମିତି ଚଳିବ
ଝାଟିମାଟି ଚାଳଘରେ

ବୁନ୍ଦା ବୁନ୍ଦା ହୋଇ ଘରଦେହ ସାରା
ପାଣି ଝରିଯିବ କାଳେ
ଆଗରୁ ସେ ହାତପାଖରେ ରଖିଛି
ଛୋଟବଡ କଂସା ହଳେ

ପଛପଟ କାନ୍ଥ କେବେଠୁ ଫାଟିଛି
ଭିଜି ପଡିଯିବ ତଳେ
ଦୁଆର ମୁହଁରେ ଏକୁଟିଆ ବସି
ଆକାଶକୁ ଚାହିଁ ଭାଳେ

ଭାତହାଣ୍ଡି ପରି ଶାଗ କିଆରୀକୁ
ପାଣି ମାଡିଯିବ ଯେବେ
ଜାଣିଛି ନିଶ୍ଚିତ ଏଇ କଥା ସତ
ଚୁଲୀ ନ ଜଳିବ କେବେ

କିଏ'ବା ଡାକିବ ହାଜିରୀ ମଜୁରୀ
ଝରି ବରଷାର ବେଳେ
ପେଟ ଚିନ୍ତା ଦୂରେ ଛାଡିକି ଯାଆନ୍ତା
ଅଣ୍ଟାରେ କଉଡି ଥିଲେ

ଖରା ହେଉ ଅବା ବରଷା କାକର
ଗରିବକୁ ଏକା ମାରେ
ତଥାପି ସବୁକୁ ପିଇଯାଏ ସିଏ
ଆଖିବୁଜି ନିରବରେ ।

*ପହଣ୍ଡି, ବିଜେପୁର, ବରଗଡ଼*
*ମୋ-୯୪୩୭୫୨୨୪୫୫*



## ପ୍ରଜାପତି

*ଡ. ଦୀପକ କୁମାର ମିଶ୍ର*

ପାରିବ ଯଦି ଗୋଟେଇ ନେଇପାର
ତଲ୍ଲୀନତାରୁ ଯତ୍କିଞ୍ଚିତ୍
ଯାହା ଝରିପଡ଼ିଚି
କଦବାୟ କେବେ କଦର୍ଯ୍ୟତା ଭୋଗିଥିବା
ବ୍ୟାକୁଳତାର ଉନ୍ମାଦ ଡେଣାରୁ ।

ବଳକା ଦୃଶ୍ୟ ତ ଛନ୍ଦି ହୋଇଯିବ ସ୍ୱତଃ
ଆବଣ୍ଟନ ନିୟମର ଧରାବନ୍ଧା ନୀତିରେ,
ଶୂନ୍ୟତା ଓ ସୁନ୍ଦରତାର ଗଭୀର ପର୍ବରେ,
ଅନ୍ୟମନସ୍କତାର ଅମ୍ଳାନ ମନରେ
ଆଶ୍ଚର୍ଯ୍ୟକର ବିଭାବରୀ ସାଜି ।

ଫୁଲରୁ ଫୁଲକୁ ଚୁମିଯିବାର ବ୍ୟସ୍ତତାରେ
ଭୁଲେ କାହୁଁ ଯେ ବିଞ୍ଚିବାକୁ
ନିର୍ଭେଜାଲ ନିଦର୍ଶନର ନିର୍ଭୁଲ ବିଭୋରତା
ରୋମାଞ୍ଚକର ରେଖାଙ୍କିତ ଭୁଲତାକୁ ଛୁଇଁ
ଏଇ ତ ଉଡ଼ିଗଲି ଚଟକିନା
ନିଭୃତ ହୃଦୟର ଗୁପ୍ତ କଠୋରୀରେ
ଚୁପକିନା ଚିତ୍ରଟିଏ ଆଙ୍କି ।

ତୁମେ ଅନାବରଣ କରିପାର ବିଭତ୍ସତାର ସ୍ମୃତିସ୍ତମ୍ଭକୁ
ମନ ମତାଣିଆ ଭାଷଣଟିଏ ମାରି
ବିବର୍ତ୍ତନବାଦର ତୂର୍ଯ୍ୟନାଦରେ
ଫିଙ୍ଗିପାର ଛେପ ଅବା କାଣିଚାଏ ପ୍ରୀତିପୂର୍ଣ୍ଣ ଛାତି
ମୁଁ କିନ୍ତୁ କିମ୍ବଦନ୍ତୀର କିମିଆଁ ଦୂତଟିଏ ସାଜି
ତୁମ୍ଭି ତୋଫାନ କରୁଥିବି ନିରବଚ୍ଛିନ୍ନ
ଶିଉଳି ଲେପା ପ୍ରେମର ଗଳିରେ ।

ମନେରଖ,
ଶତଚେଷ୍ଟା କଲେ ବି ଭାଙ୍ଗିପାରିବନି କେବେ
ରେଣୁ ରେଣୁ ରଙ୍ଗ ବୁଣୁଥିବା
ଯୋଡ଼େ ଟିକି ଡେଣାର ଗଭୀର ବିଶ୍ୱାସ
ସପ୍ତାଶ୍ଚର୍ଯ୍ୟ ଭୋଗୁଥିବା ତୁମ ଭୋକିଲା ଆଖିରେ ।

ସମ୍ଭାଳୁଆର ଅସମ୍ଭାଳ କଟୁତାକୁ
କାଟିପାରିଚି ବୋଲି ତ
ସନ୍ଥଟିଏ ସାଜି
ଘୁରିବୁଲୁଚି ଆଜି ବୈରାଗ୍ୟତାର ଅଭିମାନ ନେଇ
ମନଲୋଭା ବଗିଚାଗୁଡ଼ିକରେ
ସମ୍ମାନସ୍ପଦ ଆତିଥେୟର ପୂର୍ଣ୍ଣ ଅହଙ୍କାରରେ ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*



## ହମ୍ ଛିନ୍‌କେ ଲେଙ୍ଗେ...ଆଜାଦୀ



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ଜେଏନ୍‌ୟୁ, ଦିଲ୍ଲୀରେ ସବୁବେଳେ ଚାଲିଥାଏ ଆନ୍ଦୋଳନ । ସେଠି ପଢିବା ପାଇଁ କେତେ ଛକାପଞ୍ଝା, କେତେ ପରୀକ୍ଷା, ନମ୍ବର ଅଙ୍କ କଷାକଷି । ବଛା ବଛା ଜ୍ଞାନୀ ଶିକ୍ଷକଗଣ । କିନ୍ତୁ ପାଠ ଅପେକ୍ଷା ରାଜନୀତି ବେଶୀ ସେଠି । ପାଠ ପଢେଇ ନଦେବା ଦଳ ବେଶୀ । ପାଠ ନପଢି ରାଜନୀତି କରିବାପାଇଁ ସେଇଟା ଗୋଟେ ପ୍ରକୃଷ୍ଟ କ୍ଷେତ୍ର ବୋଲି କିଛି ଦିନ ଆଗରୁ ଟିଭିରେ ଦେଖାଉଥିଲା ।

ଦଳେ ଛାତ୍ର ସବୁବେଳେ ତା ଭିତରେ କାଶ୍ମୀରର ଆଜାଦି ପାଇଁ ପିଲାମାନଙ୍କୁ ଉସ୍‌କାଉଥାନ୍ତି । ତାଙ୍କ ଭିତରେ କିଛି ମୁସଲମାନ ପ୍ରଫେସର ମଧ୍ୟ ଅଛନ୍ତି, ସିନେମାଷ୍ଟାର ବି ବେଳେବେଳେ ଯୋଗଦିଅନ୍ତି ଏବଂ ସେମାନଙ୍କୁ ଆର୍ଥିକ ଓ ମାନସିକ ସହଯୋଗ କରିଥାନ୍ତି । ସେ ଦଳର ନାଁ ଥିଲା 'ଜଷ୍ଟିସ୍ ଫର୍ ଆସିଫା' । ଅନେକ ହିନ୍ଦୁ ପୁଅଝିଅ ମଧ୍ୟ ସେମାନଙ୍କ ସହିତ ମିଶି ନାରା ଲଗାଉଥିଲେ । ସେମାନଙ୍କୁ ମତେଇଦିଆଯାଇଥାଏ ଯେ ହିନ୍ଦୁମାନେ ଜବରଦସ୍ତ କାଶ୍ମୀରକୁ ପାକିସ୍ତାନ ଠାରୁ ଛଡେଇ ନେଇଛନ୍ତି । ତେଣୁ ତାକୁ ମୁକ୍ତ କରାଯାଉ । ସେଇଟା ପାକିସ୍ତାନର ଭାରତର ନୁହେଁ । ଏହାକୁ ଆହୁରି ଉସକାଉଥିଲେ ମୁସଲମାନ ପିଲାମାନେ ଓ ପ୍ରଫେସରମାନେ । କାଶ୍ମୀର ଘାଟିରୁ ବହୁପୂର୍ବରୁ ହଣାଖାଇ ତଡାଖାଇଥିଲେ ହିନ୍ଦୁ ପଣ୍ଡିତମାନେ । ଯେଉଁମାନେ ଥିଲେ ସେମାନେ ଦିଲ୍ଲୀ ଓ ଅନ୍ୟାନ୍ୟ ସ୍ଥାନରେ ଯାଇ ରହିଲେଣି । ଏପରି ଏକ ସମ୍ବେଦନଶୀଳ ବିଷୟକୁ ଗୋଟେ ୟୁନିଭର୍ସିଟି କ୍ୟାମ୍ପସ ଭିତରେ ନାରାଲଗେଇ ଗଣ୍ଡଗୋଳ କରିବା ଉଚିତ୍ କି ? ଶିକ୍ଷାୟତନର ମର୍ଯ୍ୟାଦା କିଏ ରକ୍ଷା କରିବ ! ନିଜେ ପ୍ରଫେସରମାନେ ତ ସେଥିରେ ସାମିଲ୍ ହୋଇଛନ୍ତି । କେବଳ ଜେଏନ୍‌ୟୁ କାହିଁକି ଅନ୍ୟ ବହୁ ସ୍ଥାନରେ କାଶ୍ମୀରର ସରକାରୀ ପଦାଧିକାରୀମାନେ ମଧ୍ୟ ପାକିସ୍ତାନୀ ଆତଙ୍କବାଦୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲେ । ଧାରା ୩୭୦ ଉଠିଗଲାପରେ ପଥରମାଡ କମିଛି ସତ କିନ୍ତୁ ଆତଙ୍କବାଦୀ କାର୍ଯ୍ୟକଳାପ କମିନାହିଁ ।

ହିମାଂଶୀ ନରୱାଲ ଜେ ଜନ ୟୁର ସେଇ 'ଜଷ୍ଟିସ୍ ଫର୍ ଆସିଫା' ଦଳର ମେମ୍ବର ଥିଲା । ମୁସ୍‌ଲିମ୍ ଗୋଷ୍ଠୀ ସହ ମିଶି 'ହମ୍ ଛିନ୍‌କେ ଲେଙ୍ଗେ ଆଜାଦୀ', 'ହମ ଲେକେ ରହେଙ୍ଗେ ଆଜାଦୀ' ନାରା ଲଗାଉଥିଲା ସେମାନଙ୍କ ସହ ମିଶି । ପ୍ରାୟ ୪/୫ ବର୍ଷ ତଳର କଥା । ଏବେ ସେ ପାଠପଢା ସାରି ଚାକିରି କରିଛି । ବାହା ନ ହେବାର ପଣ ତା ବାପା ମା' ଭାଙ୍ଗି ଦେଇଛନ୍ତି । ସରକାରଙ୍କ ବିରୋଧରେ ଲଢେଇ ଜାରି ରଖିବ ବୋଲି ପଣ କରିଥିଲା ।

ବହୁ ବୁଝାବୁଝି ପରେ ସେ ବାହା ହେବାପାଇଁ ରାଜିହୋଇ ଏବେ ଛଅଦିନ ଆଗରୁ ବାହାହେଇଥିଲା । ମଥାରେ ସିନ୍ଦୂର ଓ ହାତରେ କହୁଣୀଯାଏ ଶଙ୍ଖା ପିନ୍ଧିଥିଲା । ସ୍ୱାମୀ ସୋହାଗିନୀ ହୋଇ ହନିମୁନ୍ କରିବାକୁ ଯାଇଥିଲା କାଶ୍ମୀର । ପହେଲଗାଓଁ ବୁଲି ରେଷ୍ଟୁରେଣ୍ଟରେ ଖାଇ ଚକୋର ଚକୋରୀ ମଜା କରୁଥିଲେ । କିନ୍ତୁ ସରକାରଙ୍କ ଉପରେ ପ୍ରତିଶୋଧର ନିଆଁ ନିଜ ଭିତରେ ଜଳେଇ ରଖିଥିଲା । ସ୍ୱାମୀ ବିନୟ ନରୱାଲଙ୍କୁ ଧରି ବୁଲୁଥିଲା ଭୂସ୍ୱର୍ଗ କାଶ୍ମୀର ଘାଟି । କାହାକୁ ବା ଭଲ ନ ଲାଗେ ଶୁଭ୍ରମୁକୁଟ ବିମଣ୍ଡିତ ଅତୁଲ୍ୟ କାଶ୍ମୀର ! ସାରା କାଶ୍ମୀରକୁ ପରିକ୍ରମା କରିଛି ଲିଦର ନଦୀ । ମାଇଲ ମାଇଲ ବ୍ୟାପୀ ବରଫାଚ୍ଛାଦିତ କାଶ୍ମୀର ଉପତ୍ୟକାରେ ଯେପରି କିଏ ଶୁଭ୍ରଚାଦର ବିଛେଇ ଦେଇଛି, ସୂର୍ଯ୍ୟଙ୍କ କିରଣରେ ତାହା ଝଲମଲ କରି ଉଠୁଛି । ମାଇଲ ମାଇଲ ବ୍ୟାପୀ ସେଓ ବଗିଚା, ବାଦାମ ବଗିଚା, ପାଇନ୍ ଓ ଓକର ବିରାଟ ବିରାଟ ଆକାଶଛୁଆଁ ବୃକ୍ଷରାଜି ଋଷିପରି ଦଣ୍ଡାୟମାନ । ସତେଯେପରି ଋଷିଟିଏ ତପସ୍ୟାରତ ଓ ତାର ତପସ୍ୟା ଭାଙ୍ଗିବାକୁ ଏ ବରଫଖଣ୍ଡ ଯଥେଷ୍ଟ ନୁହେଁ । ବିଶ୍ୱର ସର୍ବବୃହତ୍ ଟୁଲିପ୍ ବଗିଚାର ଦୃଶ୍ୟ ଅତୁଳନୀୟ, ଅତ୍ୟନ୍ତ ଆକର୍ଷଣୀୟ । ସୂର୍ଯ୍ୟ କିରଣରେ ଧୀରେ ଧୀରେ ତରଳି ଆସୁଥିବା ଝରଣାର ଶୁଭ୍ରତା ମନକୁ ଅଟକାଇଦିଏ କ୍ଷଣିକଲାଗି ଧୋବ ଫରଫର ପାହାଡୀ କନ୍ୟାପରି ।

ସବୁଠାରୁ ସୁନ୍ଦର ପହେଲଗାଁଓ । ପାହାଡୀରାସ୍ତା ବରଫ କାଟିକାଟି ସଫା କରାଯାଇଛି । କାଠର କଟେଜ ଗୁଡିକରେ ସୁନ୍ଦର ଆକର୍ଷଣୀୟ ଟୁରିଷ୍ଟ ରହଣୀସ୍ଥଳ । ସ୍ଥାନେ ସ୍ଥାନେ ଦୋକାନ ଗୋଟେ ଦୁଇଟି ଓ ରେଷ୍ଟୋଁରା ମଧ୍ୟ । କ୍ଲାନ୍ତ ପଥିକମାନଙ୍କୁ ସାମାନ୍ୟ ଟିକେ ଖାଦ୍ୟ ଓ ପାଣି ମିଳିଯାଏ । ବିଶେଷ କରି ଆଜିକାଲି ମାଗି, ଅଣ୍ଡା ଓ ପାଉଁରୁଟି ସବୁଠି ଉପଲବ୍ଧ ।

ମଜାମସ୍ତି କରୁଥିଲେ ନବବିବାହିତ ବିନୟ ଓ ହିମାଂଶୀ । ହଠାତ୍ ଗୁଳିଶବ୍ଦ ଶୁଣି ଦେଖିଲେ ଆକ୍ରମଣ ହେଉଛି । ସେଦିନ ଥିଲା ଏପ୍ରିଲ ୨୨ ତାରିଖ ୨୦୨୫ । ସେମାନେ ଥିଲେ ଚାରିଜଣ ବନ୍ଧୁକଧାରୀ ଅଳ୍ପ ବୟସର ପିଲା । ପଚାରୁଥିଲେ ତମ ଜାତି କ'ଣ ? ତମେ ହିନ୍ଦୁ ନା ମୁସଲମାନ ? ମୁସଲମାନଙ୍କୁ ଅଲଗା ଏବଂ ହିନ୍ଦୁଙ୍କୁ ଅଲଗା କଲେ । ମୁସଲମାନଙ୍କୁ ଛାଡିଦେଲେ । ହିନ୍ଦୁ ପୁରୁଷମାନଙ୍କୁ ଅଲଗା କରିଦେଲେ ସ୍ତ୍ରୀ ଓ ଛୁଆମାନଙ୍କୁ ଅଲଗା କରିଦେଲେ । କେବଳ ପୁରୁଷମାନଙ୍କୁ ଗୁଳିକରି ମାରୁଥିଲେ । ଯେତେବେଳେ ବିନୟ ନରୱାଲଙ୍କୁ ଆତଙ୍କୀମାନେ ଧର୍ମ ପଚାରିଲେ, ହିମାଂଶୀ ଆଗକୁ ଆସି ନ ଡରି କହିଲେ, 'ଦେଖ, ମୁଁ ତୁମ ସପକ୍ଷରେ ଅଛି । ମୁଁ ହିନ୍ଦୁ ଧର୍ମକୁ ଘୃଣାକରେ । ମୁଁ ଜେଏନ୍‌ୟୁରେ ଜଷ୍ଟିସ୍ ଫର୍ ଆସିଫା ଅଭିଯାନରେ ଯୋଗଦେଇଥିଲି, ଭାରତରୁ କାଶ୍ମୀରକୁ ଅଲଗା କରି ସ୍ୱାଧୀନତା ଦେବା ନିମନ୍ତେ ମୁଁ ଏବେବି ସେମାନଙ୍କ ଲଢେଇରେ ସହଯୋଗ କରୁଛି । ଆଜାଦୀ ଜୁଲୁସରେ ମଧ୍ୟ ମୁଁ ଭାଗ ନେଇଛି । କିନ୍ତୁ ଆତଙ୍କବାଦୀମାନଙ୍କ ପାଖରେ ସେସବୁ ଶୁଣିବାକୁ ବେଳ ନଥିଲା । ହିମାଂଶୀ କହିଚାଲିଥିଲା, ମୁଁ ଧର୍ମଫର୍ମ ମାନେନି, ମାନବତା ମୋର ଧର୍ମ । ମାନବତାରେ ମୁଁ ବିଶ୍ୱାସ କରେ ।' ସେମାନେ କିଛି ବି ଶୁଣୁ ନଥିଲେ । କେବଳ ପଚାରୁଥିଲେ ତମେ ହିନ୍ଦୁ ନା ମୁସଲମାନ ? ମୁସଲମାନ ପାଖରେ ଏସବୁ ମାନବତାର ବକ୍‌ବାସ୍ ନଥାଏ, ଥାଏ ତମପରି ହିନ୍ଦୁ ପାଖରେ ।

'ଢୋ' କରି ଫୁଟିଲା ଗୁଳି । ତା' ସାମ୍ନାରେ ଟଳିପଡିଲେ ତାର ଛଅଦିନର ସ୍ୱାମୀ ବିନୟ ନରୱାଲ୍ । ଆବାକ୍ ହୋଇ ବସିପଡିଲା ସ୍ୱାମୀର ନିଶ୍ଚଳ ଦେହ ପାଖରେ । ତାଙ୍କ ହାତକୁ ନିଜ ଗାଲ ଉପରେ ଚାପିଧରି ଦେଖୁଥିଲା ସେ ବଞ୍ଚିଛନ୍ତି କି ନାହିଁ । ବିଶ୍ୱାସ କରିପାରୁ ନଥିଲା ତା' ସ୍ୱାମୀ ଆଉ ନାହାଁନ୍ତି ବୋଲି । ଆଖିରୁ ଝରିଯାଉଥିଲା ମାତ୍ର ଛଅ ଦିନର ସୋହାଗର ଲୁହ । ଛାତିଚିରି ଉଠି ଆସୁଥିଲା କୋହ ପରେ କୋହ । ପାଖରେ କେହିବି ନଥିଲେ । କାନ୍ଦିକାନ୍ଦି ଲୋଟିଯାଉଥିଲେ ୨୬ ଜଣ ବିଧବା ମହିଳା, ସେମାନଙ୍କ ପରିବାର । କିଏ କାହାକୁ ପ୍ରବୋଧ ଦେବ ! ସବୁ କୋହ ଲୁହ ଏକାକାର ହୋଇ ପହେଲଗାଁଓର ଆକାଶକୁ ମାଟିକୁ ବିଦୀର୍ଣ୍ଣ କରିଦେଉଥିଲା, କରୁଥିଲା ଶତଧା ବିବ୍ରତ, ଆତଙ୍କିତ, ଭରସାହୀନ । ଯାଅ ମୋଦୀକୁ କହିବ, ଆମେ ଶୁଣିବୁନି, କହିଲେ ସେମାନେ । ଆତଙ୍କବାଦୀଙ୍କର ସତରେ ଜାତି ଅଛି, ନ ହେଲେ ଜାତିପଚାରି ମାରିଥାନ୍ତେ କି ?

ଅନୁତାପରେ ଦଗ୍ଧ ହିମାଂଶୀ । ଆଜିଯାଏ ମୁଁ କରୁଥିଲି କ'ଣ ? କାହାକୁ ବିଶ୍ୱାସ କରି ନିଜ ଦେଶକୁ ଧୋକା ଦେଉଥିଲି ? କେଉଁ ଜହ୍ଲାଦ ଦଳରେ ଯୋଗଦେଇ ନିଜର ସଂସ୍କୃତି ସଂସ୍କାର ଭୁଲିଯାଇ ମାତିଯାଇଥିଲି ? ସବୁ ସାରିଦେଲି ମୁଁ, କାହିଁକି ଏମିତି କରୁଥିଲି, କାହା ବୁଦ୍ଧିରେ କରୁଥିଲି ? ସେସବୁ ଏଠି କିଛି ବି କାମ ଦେଲାନି । କ'ଣ ଲାଭପାଇଲି ? ନିଜକୁ ଧିକ୍କାରୁଥିଲା ହିମାଂଶୀ । କିଛି ଶୁଣିଲେନି । ଖାଲି ପଚାରୁଥିଲେ ତମେ ହିନ୍ଦୁ ନା ମୁସଲମାନ ? ତାପରେ ଢୋ..... । କଲମା ପଢି ଜାଣିଛ ନା ନାହିଁ । ତାପରେ ଢୋ....... ।

ସିନ୍ଦୂରର ନାଲି କଳା ପଡିଯାଇଥିଲା । କହୁଣୀଯାଏ ନାଲିଚୁଡି ଏବେ ଓହ୍ଲେଇଦେବାକୁ ପଡିବ । ହିମାଂଶୀ ବୁଝିପାରୁଥିଲା ଯେ ସେ ଭୁଲ୍ ମାର୍ଗରେ ଯାଇ ନିଜକୁ ନଷ୍ଟ କରିଦେଇସାରିଛି । ଜନ୍ମଦାତା ପିତାମାତାଙ୍କୁ ବି ସେ ମାନି ନଥିଲା । ଏତେବର୍ଷ ପରେ ବି ସେ ଆସିଫା ଦଳର ହୋଇପାରିନାହିଁ । କାରଣ ସେ ହିନ୍ଦୁ, ସେ ମାନବବାଦର ସପକ୍ଷରେ । ସେ ନିଜର ବି ହୋଇପାରିନି । ନିଜକୁ ସେ କେବେବି କ୍ଷମା କରିପାରିବନି । ଅପରାଧ ବୋଧରେ ଆହୁରି ବେଶୀ କାନ୍ଦ ଲାଗୁଥିଲା ତାକୁ । ସ୍ୱାମୀର ନିଶ୍ଚଳ ଦେହ ତା କୋଳରେ ରଖି ସଜୀବ ସତ୍ତାର ନିର୍ଜୀବ ହେବା ଆଖି ଆଗରେ ଦେଖୁଥିଲା । ବଡ ପାଟିରେ ଖୁବ୍ ଜୋର୍‌ରେ ଚିତ୍କାରକରି ତାର ଡାକିବାକୁ ଇଚ୍ଛା ହେଉଥିଲା ସେଇ ଭଗବାନଙ୍କୁ ଯାହାଙ୍କୁ ସେ କେବେବି ଡାକିନାହିଁ ଏତେବର୍ଷ ବୟସ ଭିତରେ ...।

*ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର-୧୬*
*ମୋ-୮୮୯୫୨୭୪୭୯୪*



# ବିରାଟ କୋହଲିଙ୍କ ବିସିସିଆଇ ନିୟମ ବିରୋଧୀ ମତ ପରେ କଡ଼ା ଜବାବ ଦେଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀର ଶୁକ୍ରବାର, ୧୧ ଜୁଲାଇ ୨୦୨୫ରେ ବିସିସିଆଇର ନୂଆ ନିୟମ ଉପରେ ମୁହଁ ଖୋଲିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଶୃଙ୍ଖଳାର ପରାଜୟ ପରେ ବିସିସିଆଇ ବିଦେଶ ଗସ୍ତ ସମୟରେ ପରିବାରଙ୍କ ସହ ଖେଳାଳିଙ୍କର ସମୟ ସୀମିତ କରିଥିଲା। ୪୫ ଦିନରୁ ଅଧିକ ସମୟ ଚାଲୁଥିବା ମ୍ୟାଚ୍‌ରେ ପରିବାରଙ୍କୁ ୧୪ ଦିନ ସହିତ ରହିବାକୁ ଅନୁମତି ଦିଆଯାଇଥିଲା। ଏହି ନିୟମକୁ ବିରାଟ କୋହଲି କଠୋର ଭାବେ ଆଲୋଚନା କରିଥିଲେ ଓ ଏହାକୁ ଗ୍ରହଣ କରିନଥିଲେ। କିନ୍ତୁ ଚେତେଶ୍ୱର ପୁଜାରାଙ୍କ ସହିତ ଏକ ସାକ୍ଷାତକାରରେ ଗମ୍ଭୀର କହିଛନ୍ତି ଯେ, ଖେଳାଳିଙ୍କୁ ବୁଝିବାକୁ ପଡ଼ିବ ଯେ ବିଦେଶ ଗସ୍ତ ଏକ ଛୁଟି ଭ୍ରମଣ ନୁହେଁ। "ପରିବାର ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏକ କଥା ବୁଝିବା ଆବଶ୍ୟକ। ଆପଣ ଏଠାରେ ଏକ ଉଦ୍ଦେଶ୍ୟରେ ରହିଛନ୍ତି। ଏହା ଛୁଟି ନୁହେଁ, ଏକ ବଡ଼ ଉଦ୍ଦେଶ୍ୟ ପାଇଁ। ଡ୍ରେସିଂ ରୁମ୍‌ରେ କିମ୍ବା ଏହି ଗସ୍ତରେ କ'ଣ ଥରେ ଏପରି ସୁଯୋଗ ମିଳିଥାଏ ଯାହା ଦେଶକୁ ଗର୍ବିତ କରିବ? ତେଣୁ ମୁଁ ପରିବାରଙ୍କୁ ସହିତ ନ ଥିବା ବିରୋଧୀ ନୁହେଁ," ଗମ୍ଭୀର କହିଛନ୍ତି। ସେ ଆହୁରି କହିଛନ୍ତି, "ପରିବାର ଥିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଯଦି ଆପଣଙ୍କର ଧ୍ୟାନ ଦେଶକୁ ଗର୍ବିତ କରିବା ଉପରେ ରହିଥାଏ ଓ ଏକ ବଡ଼ ଉଦ୍ଦେଶ୍ୟ ପାଇଁ ଦାୟିତ୍ୱ ନିଅନ୍ତି, ତେବେ ସବୁ ଠିକ୍ ଅଛି। ମୋର ପାଇଁ ସେହି ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଅନ୍ୟ କୌଣସି କଥା ଅପେକ୍ଷା ବଡ଼।"

ପୂର୍ବରୁ ଆରସିବି ଇନୋଭେସନ୍ ଲ୍ୟାବ୍ ଇଣ୍ଡିଆନ୍ ସ୍ପୋର୍ଟ୍ସ ସମ୍ମିଟରେ କୋହଲି କହିଥିଲେ, "ପରିବାରକୁ ଫେରିବା ଏକ ଗୁରୁତ୍ୱପୂର୍ଣ୍ଣ ମାନସିକ ସମ୍ବଳ ଦିଏ, ଖାସକରି ବାହାରେ କଠିନ ପରିସ୍ଥିତିରେ। ଏହାର ମୂଲ୍ୟାୟନ ବୁଝିବା କଷ୍ଟକର। ମୁଁ ଏହାକୁ ଲଜ୍ଜାଜନକ ମନେ କରୁଛି, କାରଣ ଯେଉଁମାନେ କ'ଣ ହେଉଛି ତାହା ଉପରେ ନିୟନ୍ତ୍ରଣ ନାହିଁ, ସେମାନଙ୍କୁ ଚର୍ଚ୍ଚାରେ ଆଣାଯାଉଛି।"

## କଳିଙ୍ଗରେ ଆୟୋଜିତ ହେବ ୱାର୍ଲଡ଼ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍

# ଓଡ଼ିଶାରେ ବିଶ୍ୱ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ହେବା ଗର୍ବର ବିଷୟ : କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜିତ ହେବ ୱାର୍ଲଡ଼ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭେଲ)। ଆସନ୍ତା ଅଗଷ୍ଟ ମାସ ୧୦ ତାରିଖ ଦିନ ଏହି ବିଶ୍ୱ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରାଯିବ। ଶୁକ୍ରବାର କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଅନୁଷ୍ଠିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ପ୍ରତିଯୋଗିତା ସମ୍ବନ୍ଧୀୟ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି।




ସେ କହିଛନ୍ତି ଯେ, ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ବିଶ୍ୱ ସ୍ତରୀୟ ଆଥଲେଟିକ୍ ପ୍ରତିଯୋଗିତାର ଆୟୋଜନ କରାଯିବ। ଓଡ଼ିଶାରେ ପ୍ରଥମ ଥର ପାଇଁ ଆସନ୍ତା ଅଗଷ୍ଟ ମାସ ୧୦ ତାରିଖ ଦିନ ୱାର୍ଲଡ଼ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭେଲ) ପ୍ରତିଯୋଗିତାର ଆୟୋଜନ କରାଯିବ। ପ୍ରତିଯୋଗିତାରେ ଭାରତ, ତୁର୍କମେନିସ୍ତାନ, ଭୁଟାନ୍, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ୍, ଭିଏତ୍‌ନାମ, ରିପବ୍ଲିକ ଅଫ୍ କାମେରୁନ୍, ଶ୍ରୀଲଙ୍କା, ଇରାନ୍ ଏବଂ ମାଲଦ୍ୱୀପ ଆଦି ୧୦ରୁ ଅଧିକ ଦେଶର କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ୧୫୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୨୦ଟି ଇଭେଣ୍ଟର ଆୟୋଜନ କରାଯିବ।

ଓଡ଼ିଶାରେ ପ୍ରଥମ ଥର ପାଇଁ ୱାର୍ଲଡ଼ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର୍‌ର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବା ଠାରୁ ଆରମ୍ଭ କରି ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥ୍ୟ ଠାରୁ ନେଇ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି। ଏଥିସହ ବିଶ୍ୱ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ୱାଲର୍ଡ଼ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭେଲ) ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶାବ୍ୟକ୍ତ କରିଛନ୍ତି।

ୱାଲର୍ଡ଼ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭେଲ) ପ୍ରତିଯୋଗିତାରେ ଭାରତ ସମେତ ବହୁ ଦେଶର କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରିବେ। ଓଡ଼ିଶାରେ ଏହି ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯିବ ବୋଲି ଆଥଲେଟିକ୍ସ ଫେଡ଼େରେସନ୍ ଅଫ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ସନ୍ଦୀପ ମେହତା ମତପ୍ରକାଶ କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଆଥଲେଟିକ୍ସ ଫେଡ଼େରେସନ୍ ଅଫ ଇଣ୍ଡିଆର ଟ୍ରେଜେରର ବି.ଇ ସଟେନଲି ଜୋନ୍ସ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ କନିଷ୍ଠ ରଗ୍‌ବୀ ରୌପ୍ୟ ବିଜେତା ଦଳରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୨ ଖେଳାଳି

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ଚଳିତ ମାସ ୮ ରୁ ୯ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନ ଠାରେ ଶେଷ ହୋଇଥିବା ୭ମ ଜାତୀୟ କନିଷ୍ଠ ରଗ୍‌ବୀ ପ୍ରତିଯୋଗିତା-୨୦୨୫ରେ ଓଡ଼ିଶା ଦଳ ରୌପ୍ୟ ପଦକ ହାସଲ କରିଥିବା ବେଳେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୨ ଜଣ ବାଳିକା ଓଡ଼ିଶା ଦଳରେ ସ୍ଥାନ ପାଇ ବିଜୟ ହେବାର ବିଶେଷ ଭୂମିକା ଗ୍ରହଣ କରିଥିଲେ। ସେମାନେ ହେଲେ ସୁମିତ୍ରା ମୁର୍ମୁ ଓ ନମିତା ହେମ୍ବ୍ରମ। ତାଙ୍କର ଏହି ସଫଳତାର ଖବର ପାଇ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, କୋଚ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ୍ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

# ଇଂଲଣ୍ଡରେ ଭାରତୀୟ ମହିଳା ଦଳର ଐତିହାସିକ ଶୃଙ୍ଖଳା ବିଜୟ

**ମାଞ୍ଚେଷ୍ଟର**



ଭାରତୀୟ ମହିଳା ଦଳ ୨୦୨୨ରେ ଇଂଲଣ୍ଡରେ ୩–୦ରେ ଦିନିକିଆ ଶୃଙ୍ଖଳା ଜିତି ଇତିହାସ ପ୍ରତିଷ୍ଠା କରିଥିଲା। ଏହାର ୩ ବର୍ଷ ପରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଟ୍ୱେଣ୍ଟି୨୦ ଶୃଙ୍ଖଳା ଜିତି ଆଉ ଏକ ଇତିହାସ ରଚିଛି ଭାରତୀୟ ମହିଳା କ୍ରିକେଟ୍ ଦଳ। ବର୍ଷକରୁ କମ୍ ସମୟ ମଧ୍ୟେର ମହିଳା ଟ୍ୱେଣ୍ଟି୨୦ ବିଶ୍ୱକପ୍ ଖେଳିବାକୁ ଇଂଲଣ୍ଡ ଆସିବାକୁ ଥିବା ଆମ ମହିଳା ଦଳ ପାଇଁ ଏହି ଶୃଙ୍ଖଳା ବିଜୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ୪ର୍ଥ ଟ୍ୱେଣ୍ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡ ମହିଳା ଦଳକୁ ୬ ୱିକେଟ୍‌ରେ ଭାରତ ପରାସ୍ତ କରିଛି। ଫଳରେ ୫ ମ୍ୟାଚ୍‌ର ଟ୍ୱେଣ୍ଟି୨୦ ଶୃଙ୍ଖଳାରେ ଭାରତ ୩–୧ରେ ଆଗୁଆ ରହି ଏହାକୁ ଜିତିନେଇଛି। ସ୍ପିନରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ପ୍ରଥମେ ବ୍ୟାଟିଂକରି ଇଂଲଣ୍ଡ ୭ ୱିକେଟ୍‌ରେ ୧୨୬ ରନ୍ କରିଥିଲା। ପ୍ରଥମ ୪ ବ୍ୟାଟରଙ୍କ ସଫଳତା ବଳରେ ୧୭ ଓଭରରେ ୪ ୱିକେଟ୍ ହରାଇ ଭାରତ ଜିତି ନେଇଥିଲା।

ଇଂଲଣ୍ଡ ମହିଳା ଦଳ ଟସ୍ ଜିତି ବ୍ୟାଟିଂ କରିଥିଲା। ଘରୋଇ ଦଳର କୌଣସି ବ୍ୟାଟର ବଡ଼ ସ୍କୋର କରି ପାରିନଥିଲେ। ସୋଫିଆ ଡଙ୍କଲି ୧୯ ବଲ୍‌ରୁ ୨୨ ଓ ଆଲିସ୍ କାପସି ୨୧ ବଲ୍‌ରୁ ୧୮ ରନ୍ କରିଥିଲେ। ଆମି ଜୋନ୍‌ସ ୯ ରନ୍ କରିଥିଲେ। ଅଧିନାୟିକା ଟାମି ବ୍ୟୁମଣ୍ଟ ୧୯ ବଲ୍‌ରୁ ୨୦ ଓ ପେଚ୍ ସ୍କୋଫିଲ୍‌ଡ ୧୮ ବଲ୍‌ରୁ ୧୬ ରନ୍ କରିଥିଲେ। ଶେଷ ୩ ଓଭରରୁ ଇଂଲଣ୍ଡ ୨୫ ରନ୍ କରିଥିଲା। ସୋଫି ଇକ୍ଲେଷ୍ଟୋନ୍ ୧୦ ବଲ୍‌ରୁ ୧୬ ଓ ଇସି ୱଙ୍ଗ୍ ୧୦ ବଲ୍‌ରୁ ୧୧ ରନ୍ କରି ଅପରାଜିତ ଥିଲେ। ଦୁଇ ବାମହାତି ସ୍ପିନର ଶ୍ରୀ ଚରଣି ଓ ରାଧା ଯାଦବ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଭାରତ ୧୨୭ ରନ୍ ବିଜୟଲକ୍ଷ୍ୟର ପିଛା କରିଥିବା ବେଳେ ଦୁଇ ଓପ୍‌ନର ସ୍ମୃତି ମାନ୍ଧାନା ଓ ଶେଫାଳି ବର୍ମା ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଇଂଲଣ୍ଡ ପୂରା ଇନିଂସରେ ୮ଟି ଚୌକା ମାରିଥିବା ବେଳେ ଭାରତ ପ୍ରଥମ ୪ ଓଭରରୁ ୯ଟି ଚୌକା ମାରି ପାରିଥିଲା। ୭ ଓଭରରେ ୫୬ ରନ୍‌ର ଭାଗୀଦାରି ପରେ ଶେଫାଳି ବର୍ମା ୧୯ ବଲ୍‌ରୁ ୬ଟି ଚୌକା ସହ ୩୧ ରନ୍‌କରି ଆଉଟ୍ ହୋଇଥିଲେ। ମାନ୍ଧାନା ୩୧ ବଲ୍‌ରୁ ୫ଟି ଚୌକା ସହ ୩୨ ରନ୍ କରିଥିଲେ। ଜେମିମା ରଡ୍ରିଗ୍ସେଜ୍ ଓ ଅଧିନାୟିକା ହରମନପ୍ରୀତ କୌର ୩ୟ ୱିକେଟ୍ ପାଇଁ ୪୮ ରନ୍ ଯୋଡ଼ିଥିଲେ। ହରମନପ୍ରୀତ ୨୫ ବଲ୍‌ରୁ ୩ଟି ଚୌକା ସହ ୨୬ ରନ୍ କରିଥିଲେ। ଜେମିମା ୨୨ ବଲ୍‌ରୁ ଗୋଟିଏ ଚୌକା ସହ ୨୪ ରନ୍‌କରି ଅପରାଜିତ ଥିଲେ। ମାତ୍ର ୧୫ ରନ୍‌ଦେଇ ୨ଟି ୱିକେଟ୍ ନେଇଥିବା ରାଧା ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ।

# ରୁଟ୍‌ଙ୍କ ଶତକ, ବୁମ୍‌ରାଙ୍କୁ ୫ ୱିକେଟ୍ : ଲର୍ଡ୍ସ ଟେଷ୍ଟର ପ୍ରଥମ ଇନିଂସରେ ୩୮୭ ରନ୍‌ରେ ଇଂଲଣ୍ଡ ଅଲ୍‌ଆଉଟ୍

**ନୂଆଦିଲ୍ଲୀ**



ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ତୃତୀୟ ମୁକାବିଲା ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଉଛି। ଶୁକ୍ରବାର ମୁକାବିଲାର ଦ୍ୱିତୀୟ ଦିନ। ଇଂଲଣ୍ଡ ଟିମ୍ ପ୍ରଥମ ଇନିଂସରେ ୩୮୭ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ଜୋ ରୁଟ୍‌ଙ୍କ ଶତକୀୟ ଇନିଂସ ଓ ଜେମି ସ୍ମିଥ୍ ଓ ବ୍ରାୟଡନ କାର୍ସେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭାରତ ପାଇଁ ଜଶପ୍ରିତ ବୁମ୍‌ରା ପାଞ୍ଚଟି ୱିକେଟ୍ ନେଇଥିଲେ।

ଚାରି ୱିକେଟ୍ ହରାଇ ୨୫୧ ରନ୍‌ରେ ପ୍ରଥମ ଦିନର ଖେଳ ଶେଷ କରିଥିଲା ଇଂଲଣ୍ଡ। ଜୋ ରୁଟ୍ ୯୯ ରନ୍ ଓ ବେନ୍ ଷ୍ଟୋକ୍ସ ୩୯ ରନରୁ ଦ୍ୱିତୀୟ ଦିନର ଖେଳ ଆରମ୍ଭ କରିଥିଲେ। ଦ୍ୱିତୀୟ ଦିନରେ ଭାରତ ଦମଦାର ଆରମ୍ଭ କରିଥିଲା। ବୁମରା ପ୍ରଥମ ସେସନରେ ହିଁ ତିନି ୱିକେଟ୍ ନେଇଥିଲେ। ସେ ବେନ୍ ଷ୍ଟୋକ୍ସ (୪୪), ଜୋ ରୁଟ୍ (୧୦୪) ଓ କ୍ରିସ୍ ୱୋକ୍ସଙ୍କୁ (୦) ଆଉଟ୍ କରିଥିଲେ। ଏହା ପରେ ଜେମି ସ୍ମିଥ୍ ଏବଂ ବ୍ରାଇଡନ୍ କାର୍ସେ ଦାୟିତ୍ୱ ନେଇଥିଲେ। ଅଷ୍ଟମ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୮୦ରୁ ଅଧିକ ରନ୍‌ର ପାର୍ଟନରସିପ୍ ହୋଇଥିଲା, ଯାହାକୁ ସିରାଜ ଭାଙ୍ଗି ଦେଇଥିଲେ। ସେ ଜେମି ସ୍ମିଥ୍ (୫୬)ଙ୍କୁ ନିଜର ଶିକାର କରିଥିଲେ।

ଏହା ପରେ ବୁମରା ଜୋଫ୍ରା ଆର୍ଚରଙ୍କ ରୂପରେ ଇଂଲଣ୍ଡକୁ ନବମ ଝଟ୍‌କା ଦେଇଥିଲେ। ସେ କେବଳ ଚାରି ରନ୍ ଆଉଟ୍ ହୋଇଥିଲେ। ଭାରତ ବିପକ୍ଷରେ ପ୍ରଥମ ଇନିଂସରେ ବ୍ରାଇଡନ୍ କାର୍ସେ ତାଙ୍କର ପ୍ରଥମ ଅର୍ଦ୍ଧଶତକ ପୂରଣ କରିବାରେ ସଫଳ ହୋଇଥିଲେ। ସେ ୮୩ ବଲରେ ୬ ଚୌକା ଏବଂ ୧ ଛକା ସହାୟତାରେ ୫୬ ରନ୍ କରିଥିଲେ। ଶେଷରେ ସିରାଜଙ୍କ ବଲରେ ସେ ବୋଲ୍ଡ ହୋଇଥିଲେ। ସୋଏବ୍ ବଶିର ଏକ ରନ୍ କରି ଅପରାଜିତ ରହିଥିଲେ। ପ୍ରଥମ ଦିନରେ ଜ୍ୟାକ୍ କ୍ରାଉଲି ୧୮, ବେନ୍ ଡକେଟ ୨୩, ଓଲି ପୋପ୍ ୪୪ ରନ୍ କରିଥିଲେ। ଭାରତ ପାଇଁ ଜଶପ୍ରିତ ବୁମରା ପାଞ୍ଚଟି ୱିକେଟ୍ ନେଇଥିବା ବେଳେ ମହମ୍ମଦ ସିରାଜ ଏବଂ ନୀତୀଶ କୁମାର ରେଡ୍ଡୀ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ। ରବିନ୍ଦ୍ର ଜାଡେଜା ଗୋଟିଏ ୱିକେଟ୍ ନେଇଥିଲେ।

# ହୋମଗାର୍ଡ ନିଯୁକ୍ତିରେ ଅନୀୟମିତତା ଅଭିଯୋଗ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ପୋଲିସ୍ ବିଭାଗରେ ବହୁସଂଖ୍ୟକ ହୋମଗାର୍ଡ ପଦବୀ ଖାଲିଥିବାରୁ ଜିଲ୍ଲାର ବହୁ ସଂଖ୍ୟକ ପ୍ରାର୍ଥୀ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ଏ ନେଇ ଶତାଧିକ ଯୁବକ/ଯୁବତୀ ହୋମଗାର୍ଡ ନିଯୁକ୍ତି ପାଇଁ ବିଭିନ୍ନ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପରବର୍ତ୍ତୀ ପରୀକ୍ଷାରେ ସେମାନଙ୍କ ନାମକୁ ଚଞ୍ଚକତା କରି ବାଦ୍ ଦିଆଯାଇଥିବା ଅଭିଯୋଗ କରିଛନ୍ତି। ନିଯୁକ୍ତି ଶୈଳୀ ଠିକ୍ ନଥିବା, ଯେଉଁମାନେ ନିଯୁକ୍ତି ପାଇଛନ୍ତି ତାଙ୍କ ନାମକୁ କାଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି। ଏହି ନିଯୁକ୍ତିରେ ଅନେକ ଅନୀୟମିତତା ହୋଇଥିବା ଏବଂ ପ୍ରାର୍ଥୀମାନେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ସେମାନଙ୍କର ନାମକୁ ବାଦ୍ ଦିଆଯାଇ ଅଯୋଗ୍ୟ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେଇଥିବା ଅଧିକାରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆଦି ଦାବି କରି ଏକ ୬ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନଙ୍କୁ ଦେବାସହ ଏହି ହୋମଗାର୍ଡ ପରୀକ୍ଷାରେ ଅନିୟମିତତା ଓ ପକ୍ଷପାତ ହୋଇଥିବାରୁ ଏହାକୁ ବାତିଲ୍ କରି ପୁନର୍ବାର ପରୀକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ, ଓଡ଼ିଶା, ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ, ରାଜ୍ୟ ଗୃହ ବିଭାଗ, ଏସ୍‌ପି କେନ୍ଦ୍ରାପଡ଼ାଙ୍କୁ ଅଭିଯୋଗ କରି ପୁନର୍ବାର ସମସ୍ତ ପ୍ରାର୍ଥୀମାନଙ୍କର କାଗଜପତ୍ର ଯାଂଚ କରିବା ସହିତ ସିସି କ୍ୟାମେରା ଲଗାଇ ପୁନର୍ବାର ପରୀକ୍ଷା ନେବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଉତ୍କଳମଣୀ ବେହେରା, ଗିରିଜା ଶଙ୍କର ସ୍ୱାଇଁ, ରଶ୍ମିରଂଜନ ଦାସ, ଜ୍ଞାନରଂଜନ ବାରିକ, ଦିପ୍ତିମୟୀ ବେହେରା, ମାନସ ରଞ୍ଜନ ଲେଙ୍କାଙ୍କ ସହ ଶତାଧିକ ପ୍ରାର୍ଥୀ ଉପସ୍ଥିତ ଥିଲେ।

# ଆଶା କର୍ମୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୮ ଦଫା ଦାବିପତ୍ର

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେସନଙ୍କ ମିଳିତ ଆହ୍ୱାନ କ୍ରମେ ସର୍ବ ଭାରତୀୟ ଧର୍ମଘଟ ଡାକରା ଦିଆଯାଇଥିବା ପରିପ୍ରେକ୍ଷୀରେ ପାଟଣାଗଡ଼ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ, ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର ଶତାଧିକ ଆଶାକର୍ମୀ ଓ ପାଚିକା ସହାୟିକାମାନେ ପଞ୍ଚମୁଖୀ ହନୁମାନ ମନ୍ଦିର ଠାରେ ଏକତ୍ରିତ ହୋଇଥିଲେ। ପରେ ସଂଘ ସଂପାଦକ ଦିଲ୍ଲୀପ କୁମାର ଭୋଇଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବାହାରି ସହର ମୁଖ୍ୟ ରାସ୍ତା ଦେଇ ବିଭିନ୍ନ ସ୍ଲୋଗାନ ଦେଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚ ଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ନାରାବାଜି ଦେବା ସହ ସରକାରଙ୍କ ଶ୍ରମିକ ମାରଣା ଟାଳଟୁଳ ନୀତି ଉପରେ ସାଧାରଣ ସଂପାଦକ ଦିଲ୍ଲୀପ କୁମାର ଭୋଇ ସମାଲୋଚନା କରିଥିଲେ। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ୧୮ ଦଫା ସମ୍ବଳିତ ଏକ ଦାବିପତ୍ର ଉପଜିଲ୍ଲାପାଳ ସୁନୀଲ କୁମାର ମେହେରଙ୍କୁ ପ୍ରଦାନ କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ଚାରି ଶ୍ରମିକ କୋଡ ବାତିଲ କରିବା, ଜାତୀୟ ଶ୍ରମ ସମ୍ମିଳନୀ ତୁରନ୍ତ ଅନୁଷ୍ଠିତ କରାଇବା, ସ୍କିମ୍ ୱାର୍କର ଯଥା ଆଶା, ସହାୟିକା, ପାଚିକା ଓ ସହାୟିକା, ଶ୍ରମିକ ମାନ୍ୟତା, ଆଶା କର୍ମୀ ଓ ପାଚିକା ସହାୟିକାଙ୍କୁ ସ୍ଥାୟୀ ନିଯୁକ୍ତି ମାନ୍ୟତା ଦେବା, ସର୍ବନିମ୍ନ ମାସିକ ମଜୁରି ୨୬ ହଜାର ଟଙ୍କା ପ୍ରଦାନ କରିବା, ଦରଦାମ ବୃଦ୍ଧି ବନ୍ଦ କରିବା, ପୁରୁଣା ପେନସନ ଲାଗୁ କରିବା, ସର୍ବନିମ୍ନ ଇପିଏଫ୍ ପେନସନ ମାସିକ ୯ହଜାର ପ୍ରଦାନ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ତିବ୍ରତର ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିରେ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ପାଟଣାଗଡ଼ ବ୍ଲକ ସଭାନେତ୍ରୀ ଲଳିତା ବାଗ, ସଂଗିତା ହରିପାଲ, ମଦନା ନାଏକ, ବାସନ୍ତୀ କୁଅଁର, ପ୍ରଗତି ପଣ୍ଡା, ସୁବର୍ଣ୍ଣ ଡିଲାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

e- Mail - khurda municipality@yahoo.co.in
Phone No-06755-220674
Website:- www.khordhamunicipality.in
C-649

**OFFICE OF THE MUNICIPAL COUNCIL: KHORDHA**
H & UD Department, Govt, of Odisha
Khordha-752055

No. 2276 Date. 09.07.2025

**INVITATION-FOR BID**
**Bid Reference No.: KMPLTY/02/2025-26**

The Executive Officer, Khordha Municipality, Khordha, Odisha invites Request for Proposal on behalf of Municipal Council Khordha for the work " Providing Consultancy services for Preparation of Comprehensive Drainage Master Plan & DPR for Storm Water Drainage System of Khordha Municipality, District Khordha, Odisha in Double Cover (Technical & Financial) from Registered & eligible firm/consultant for tendering their bids through online mode only. The bidders are advised to examine carefully all instruction in the RFP document.

| Sl No. | Name of the Work | Bid Security/EMD (Online Remitance) (Rs.) | Cost of RFP Documents (Online Remitance)(Rs.) | Assignment Period |
|---|---|---|---|---|
| 1 | Preparation of Comprehensive Drainage Master Plan & DPR for Storm Water Drainage System of Khordha Municipality, District Khordha | 1,00,000/- | 10,000/- | 6 months |

Intending bidders can participate through "Online" bidding only. The bid document can be viewed/downloaded from e-procurement portal of the state govt. https://tendersodisha.gov.in/nicgep/app from date 11.07.2025 at 11:00 AM to 30.07.2025 at 05:00 PM.

The Bid must be submitted online in the website https://tendersodisha.gov.in/nicgep/app by the eligible bidder. Bid submitted through any other modes shall not be entertained.

The Khordha Municipality reserves the sole right to accept or reject any or all proposals without assigning any reason whatsoever.

Sd/- Executive Officer
Khordha Municipality

OIPR-13082/11/0026/2526

# ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ନୂତନ ବ୍ରଡ୍ ଗେଜ୍ ରେଳ ଲାଇନ ପାଇଁ ଜମି ଅଧିଗ୍ରହଣରେ ଅଗ୍ରଗତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ ପଦକ୍ଷେପ ସ୍ୱରୂପ, ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ୧୩୮.୩୨ କିଲୋମିଟର ଦୀର୍ଘ୍ୟ ବିଶିଷ୍ଟ ନୂତନ ବ୍ରଡ୍ ଗେଜ୍ (ବିଜି) ରେଳ ଲାଇନ କାର୍ଯ୍ୟକାରୀ କରିବାରେ ଭାରତୀୟ ରେଳବାଇ ଦୃଢ ଅଗ୍ରଗତି କରୁଛି। ଏହି ପ୍ରକଳ୍ପ କେବଳ ଗତିଶୀଳତା ଉନ୍ନତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଏହି ଅଞ୍ଚଳକୁ ଯଥେଷ୍ଟ ସାମଗ୍ରିକ ଏବଂ ଆର୍ଥିକ ଲାଭ ପ୍ରଦାନ କରିବ।

ଜମି ଅଧିଗ୍ରହଣ ପ୍ରକ୍ରିୟା ଏହି ପ୍ରକଳ୍ପର ଏକ ପ୍ରମୁଖ ଅଂଶ, ଯାହା ଦକ୍ଷତାର ସହିତ ଆଗକୁ ବଢୁଛି। ପ୍ରକଳ୍ପ ପାଇଁ ଆବଶ୍ୟକ ମୋଟ ବେସରକାରୀ ଜମି ୧୮୫୯.୪୮୮ ଏକର, ୮୫ଟି ଗ୍ରାମରେ ବିସ୍ତୃତ ରହିଛି। ଏଥିମଧ୍ୟରୁ ୭୭ଟି ଗ୍ରାମ ପାଇଁ ଜମି ତାଲିକା ଦାଖଲ କରାଯାଇଛି ଏବଂ ୪୬ଟି ଗାଁକୁ ଆବର୍ତ୍ତିତ କରି ୧୧୦୬.୪୧୧ ଏକର ଜମି ପାଇଁ ୨୦(ଏ) ଗେଜେଟ୍ ଅଧିସୂଚନା ପ୍ରକାଶିତ ହୋଇଛି।

ବରଗଡ଼ ଜିଲ୍ଲାରେ ଜମି ଅଧିଗ୍ରହଣ ପାଇଁ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତିର ବିବରଣୀ ନିମ୍ନଲିଖିତ : ୧. ପ୍ରଥମ ବ୍ଲକ – ୫ଟି ଗ୍ରାମ: ରୁଙ୍ଗାନିଆ, ସରସରା, ଧାଙ୍ଗେର, ବାଗଡିଆ ଏବଂ ନିଲେଶର। ଆବଶ୍ୟକ ଜମି: ୨୬୪.୨୧୬ ଏକର, ଗେଜେଟ୍ ତାରିଖ: ୨୪.୦୨.୨୦୨୫। ୨. ଦ୍ୱିତୀୟ ଏବଂ ତୃତୀୟ ବ୍ଲକ – ୧୨ଟି ଗ୍ରାମ: ବନ୍ଦନବାହାଲ, ବିରମାଲ, ପୋଡାମୁଣ୍ଡା, ନୂଆପାଲି, ପିପିଲିପାଲି, ଡୁମେରପାଲି, କଟାପାଲି, ସରଣ୍ଡାପାଲି, ମାନପୁର, ସମଲାଇପଦର, ବାଉଁଶପୋଲା ଏବଂ ବିଜେପୁର। ଆବଶ୍ୟକ ଜମି: ୨୬୨.୭୦୫ ଏକର, ଗେଜେଟ୍ ତାରିଖ: ୦୨.୦୭.୨୦୨୫। ୩. ଚତୁର୍ଥରୁ ଷଷ୍ଠ ବ୍ଲକ – ମାଝିପାଲି–୩୭, ପାରା, ରେଙ୍ଗାଲିପାଲି, ଝିରଲିପାଲି, ବଲଣ୍ଡା, ବାଡିପାଲି, ଭାଟିଗାଁ, କମଲାପଦର, ବୁଢିମାଲ, ପଦମପୁର ଏବଂ ଅନ୍ୟାନ୍ୟ ସମେତ ୨୯ଟି ଗ୍ରାମ। ଆବଶ୍ୟକ ଜମି: ୫୭୯.୪୯ ଏକର, ଗେଜେଟ୍ ତାରିଖ: ୦୩.୦୭.୨୦୨୫। ପ୍ରସ୍ତାବିତ ଆଲାଇନମେଣ୍ଟ ସହିତ ସମୟୋଚିତ ନିର୍ମାଣ କାର୍ଯ୍ୟକୁ ସୁଗମ କରିବାରେ ଏହି ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

ବରଗଡ଼ ରୋଡ୍ – ନୱାପଡ଼ା ରୋଡ୍ ବିଜି ରେଳ ଲାଇନକୁ ୧୦ ସେପ୍ଟେମ୍ବର ୨୦୨୪ରେ ରେଳ ବୋର୍ଡ ଦ୍ୱାରା ମଞ୍ଜୁର କରାଯାଇଥିଲା, ଯାହାର ପ୍ରକଳ୍ପ ମୂଲ୍ୟ ୨୬୨୧.୯୨ କୋଟି ଥିଲା। ଏହି ପ୍ରକଳ୍ପର ଆର୍ଥିକ ବ୍ୟୟ ଅଟକଳର ସବିଶେଷ ବିବରଣୀ ଯଥା : ସିଭିଲ୍ ଇଞ୍ଜିନିୟରିଂ ପାଇଁ : ୨୧୦୭.୩୦ କୋଟି, ବୈଦ୍ୟୁତିକ ଇଞ୍ଜିନିୟରିଂ ପାଇଁ : ୩୦୫.୫୫ କୋଟି, ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟରିଂ ପାଇଁ: ୨୦୯.୦୭ କୋଟି ଅନ୍ତର୍ଭୁକ୍ତ। ଓଡ଼ିଶା ସରକାର ମାଗଣାରେ ଜମି ଏବଂ ୩୦୦ କୋଟି ଅନୁଦାନ ପ୍ରଦାନ କରି ପ୍ରକଳ୍ପକୁ ସକ୍ରିୟ ଭାବରେ ସମର୍ଥନ କରୁଛନ୍ତି, ଯାହା ଆଞ୍ଚଳିକ ଭିତ୍ତିଭୂମିକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ପ୍ରକଳ୍ପ ପାଇଁ ମୋଟ ଜମି ଆବଶ୍ୟକତା ୯୨୪.୬୪ ହେକ୍ଟର, ଯେଉଁଥିରେ ଅନ୍ତର୍ଭୁକ୍ତ: ବ୍ୟକ୍ତିଗତ ଜମି: ୭୫୨.୫୨୪ ହେକ୍ଟର, ସରକାରୀ ଜମି: ୧୨୩.୨୩୩ ହେକ୍ଟର, ଜଙ୍ଗଲ ଜମି: ୪୮.୯୧୩ ହେକ୍ଟର। ବରଗଡ଼ ଏବଂ ନୂଆପଡ଼ା ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଯଥାକ୍ରମେ ୧୫ ଅକ୍ଟୋବର ୨୦୨୪ ଏବଂ ୨୯ ନଭେମ୍ବର ୨୦୨୪ ରେ ଜାରି ହୋଇଥିବା ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ଜମି ଅଧିଗ୍ରହଣ ପାଇଁ ଆନୁଷ୍ଠାନିକ ଭାବରେ ନିଯୁକ୍ତ କରାଯାଇଛି। ନୂତନ ରେଳ ଲାଇନ ଏକ ବିଦ୍ୟୁତୀକରଣ ବ୍ରଡ ଗଜ୍ ଲାଇନ ହେବ, ଯାହା ଝାରସୁଗୁଡ଼ା-ବିଳାସପୁର-ରାୟପୁର ସର୍କିଟକୁ ବାଇପାସ୍ କରି ଏକ ଛୋଟ ଏବଂ କମ୍ ଭିଡ଼ ବିଶିଷ୍ଟ ରୁଟ୍ ପ୍ରଦାନ କରିବ। ଏହା ସମ୍ବଲପୁର-ଝାରସୁଗୁଡ଼ା-ରାୟପୁର ରୁଟ୍ ତୁଳନାରେ ୫୩ କିଲୋମିଟର ଏବଂ ସମ୍ବଲପୁର-ଟିଟିଲାଗଡ଼-ରାୟପୁର ରୁଟ୍ ତୁଳନାରେ ୮୭ କିଲୋମିଟର ଯାତ୍ରା ଦୂରତା ହ୍ରାସ କରିବ। ଏହି ସଂଯୋଜନରେ ୧୩ଟି ଷ୍ଟେସନ (୨ଟି ବିଦ୍ୟମାନ ଏବଂ ୧୧ଟି ନୂତନ) ଅନ୍ତର୍ଭୁକ୍ତ ହେବ, ଯାହା ବିଭିନ୍ନ ଜିଲ୍ଲାରେ ସୁଗମତାକୁ ଉନ୍ନତ କରିବ। ଏହି ରୁଟରେ ପ୍ରସ୍ତାବିତ ଷ୍ଟେସନଗୁଡ଼ିକ ହେଉଛି- ବରଗଡ଼ ରୋଡ୍ (ବିଦ୍ୟମାନ), ସରସରା, ଡୁମେରପାଲି, ବିଜେପୁର, ବାଦିପାଲି, ଧୌରମୁଣ୍ଡା, ପଦମପୁର, ଭଗତପୁର, ମାଝିପାଲି, ପାଇକମାଲ ରୋଡ୍, ବରଟୁଣ୍ଡା, ଅନଲାଜୁବା, ନୂଆପଡ଼ା ରୋଡ୍। ରାଜ୍ୟ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଅଞ୍ଚଳବାସୀଙ୍କ ସକ୍ରିୟ ସହଯୋଗରେ, ଭାରତୀୟ ରେଳବାଇ ଏହି ଐତିହାସିକ ପ୍ରକଳ୍ପର ସମୟସୀମା ସମାପ୍ତ କରିବା ପାଇଁ ପ୍ରତିବଦ୍ଧ। ଜମିର ସଫଳ ଅଧିଗ୍ରହଣ ଏବଂ ଚାଲୁଥିବା ନିର୍ମାଣ କାର୍ଯ୍ୟ ବର୍ଦ୍ଧିତ ରେଳ ସଂଯୋଗୀକରଣ, ସାମଗ୍ରୀ ଏବଂ ଯାତ୍ରୀ ପରିବହନ ଏବଂ ଅଞ୍ଚଳର ସାମଗ୍ରିକ ସାମାଜିକ-ଆର୍ଥିକ ବିକାଶ ପାଇଁ ପଥ ପ୍ରଶସ୍ତ କରିବ।

# ଦୁର୍ବଳ ଶ୍ରେଣୀ ଉପରେ ଅତ୍ୟାଚାର ବନ୍ଦ ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**କେନ୍ଦୁଝର, ନ୍ୟୁଜ୍**

ବିଭିନ୍ନ ସାମାଜିକ ସଂଗଠନ କର୍ମୀ ତଥା ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ନେଇ ଏକ ଦଳ ଓଡ଼ିଶା ମାନବତା ବଞ୍ଚାଅ ଅଭିଯାନ ବ୍ୟାନରରେ ରାଜ୍ୟରେ ଏବେ ବଢ଼ି ଚାଲିଥିବା ଦୁର୍ବଳ ଶ୍ରେଣୀ ଉପରେ ଅତ୍ୟାଚାର ବିରୋଧରେ ଓଡ଼ିଶା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦେଇଛନ୍ତି। ସେମାନେ ଜଣାଇଛନ୍ତି କି ନିକଟରେ ଗଞ୍ଜାମ ଜିଲ୍ଲାର ଧରାକୋଟ ଥାନା ଅନ୍ତର୍ଗତ ସିଂଗିପୁର ଗ୍ରାମରେ ୨ ଦଳିତ ବାବୁଲା ନାୟକ ଓ ବୁଲୁ ନାୟକଙ୍କୁ କିଛି ଲୋକ ଗାଈ ନେଇ ଯାଉଥିବାରୁ ଜାତିଆଣ ଲାଗି ନିଷ୍ଠୁର ନିର୍ଯାତନା ଦେଇଥିଲେ ଯାହା ସଭ୍ୟ ସମାଜରେ ବିରଳ। ନିଜେ ଗୋରୁ ମାଂସ ବିଦେଶକୁ ଚାଲାଣ କରି ଚାନ୍ଦା ଆଦାୟ କରି କିଛି ତଥାକଥିତ ସମାଜ ସୁଧାରକ ନାମରେ ଠକ ବିଶେଷ କରି ଗରିବ ଦଳିତ ଲୋକଙ୍କୁ ନିର୍ଯାତନା ଦେଉଛନ୍ତି। ସେମାନେ ମୁଖ୍ୟତଃ ନିଜକୁ ଉଚ୍ଚ ଜାତି କହି ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ନିର୍ମମ ଅତ୍ୟାଚାର କରୁଛନ୍ତି। ଏହି କଥା ଧରାକୋଟ ଦଳିତ ନିର୍ଯାତନା ଘଟଣାରୁ ସ୍ପଷ୍ଟ ହୋଇଛି। ରାଜ୍ୟରେ ତେଣୁ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସୁରକ୍ଷା ଦେବାକୁ ସ୍ୱତନ୍ତ୍ର ଆଇନ କରିବାକୁ ସେମାନେ ଦାବି କରିଥିଲେ। ବାରମ୍ବାର ଏହି ପରି ଘଟିବାରୁ ଦଳିତ ଆଦିବାସୀ ଓ ସଂଖ୍ୟାଲଘୁ ଲୋକେ ରାଜ୍ୟରେ ଭୟଭୀତ ହୋଇ ରହିଛନ୍ତି। ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋ ତଥ୍ୟ ଆଧାରରେ ଓଡ଼ିଶାରେ ଏହିପରି ଅପରାଧ କରିଛି ମହଳା ମାନେ ଏଠାରେ ଅସୁରକ୍ଷିତ। ରାଜ୍ୟରେ ଏହିପରି ମାମଲା ତଦାରଖ ଲାଗି ବ୍ୟବସ୍ଥା ବିଫଳ ହୋଇଛି। ୧୬୪ (୧) ଆଇନ ଅନୁଯାୟୀ ଏହି ସଂକ୍ରାନ୍ତୀୟ ଉପରେ ଧ୍ୟାନ ଦିଆଯାଉନାହିଁ ତେଣୁ ମହାମହିମ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ା। ରାଜ୍ୟରେ ସଂଖ୍ୟାଲଘୁ ମୁସଲିମ୍ ଓ ଖ୍ରୀଷ୍ଟିୟାନଙ୍କ ଉପରେ ନିର୍ଯାତନା ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଏଥି ସହ ଧରାକୋଟ ଘଟଣାର ନିନ୍ଦା କରି ଅତ୍ୟାଚାରିତ ୨ଜଣଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦାବି ସହ ଢେଙ୍କାନାଳ, ଗଞ୍ଜାମ, ଭଦ୍ରକ ଓ ବରଗଡ଼ରେ ୪ଟି ସ୍ୱତନ୍ତ୍ର କୋର୍ଟ ଖୋଲି ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ନିର୍ଯାତନା ମାମଲା ତ୍ୱରିତ ବିଚାର କରିବାକୁ ଦାବି କରିଛନ୍ତି। ଏଥିସହ ଦାବି ପତ୍ରରେ ଓଡ଼ିଶା ଗୋହତ୍ୟା ନିରୋଧ ଆଇନ-୧୯୬୦ ତୁରନ୍ତ ଲାଗୁ କରି ଦାୟୀତ୍ୱବାନ ସରକାରୀ କର୍ମଚାରୀ ଏହାର ତଦାରଖ ଲାଗି ନିଯୁକ୍ତି ଦେବାକୁ ଅନୁରୋଧ ରହିଛନ୍ତି। ଏହା ଫଳରେ ନିଜକୁ ଗୋଭକ୍ତ କରି ଅନ୍ୟାୟ ଅତ୍ୟାଚାର କରୁଥିବା ଲୋକଙ୍କ ଭାଉ କମିଯିବ। ସେହି ପରି ଜାତିଆଣ ବିରୁଦ୍ଧରେ ବ୍ୟାପକ ସଚେତନତା କରାଯାଉ। ଦଳିତ, ଆଦିବାସୀ ତଥା ସଂଖ୍ୟା ଲଘୁ କମିଶନ ରାଜ୍ୟରେ ଗଠନ ହେଉ। ରାଜ୍ୟରେ ମଦ, ନିଶା କାରବାର ବନ୍ଦ ହେଲେ ଶାନ୍ତି ଫେରିବ ବୋଲି ସେମାନେ ଦର୍ଶାଇଛନ୍ତି। ସଂଗଠନର ଜିଲ୍ଲା ସଭାପତି ସୁଜଳ କୁମାର ସେଠୀ, ସଂପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ବରିଷ୍ଠ ସମାଜସେବୀ ଭରତ ପାତ୍ର, ଆପ୍ ଜିଲ୍ଲା ସଭାପତି ମେଘନାଥ ମାଝୀ, ବାବାଜୀ ଜେନା, ପ୍ରଫୁଲ୍ଲ ଦାସ, ଜୀବନ ସିଂହ ମୁଣ୍ଡିଆ, ମହେଶ୍ୱର ଜେନା, ଡମ୍ବରୁଧର ଦାସ ଆଦି ଉପସ୍ଥିତ ରହି ଏହି ସ୍ମାରକପତ୍ର କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ।





## ।। ରତ୍ନ ଭଣ୍ଡାର ଗଣତି ମଣତି ପ୍ରସଙ୍ଗ ।।

# ବିଜେପି ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରତ୍ନ ଭଣ୍ଡାର ଗଣତି ମଣତିକୁ ନେଇ ଗତ ଏକ ବର୍ଷ ହେଲା ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି, ଗତ ଏକ ବର୍ଷ ହେଲା ରତ୍ନ ଭଣ୍ଡାରର ଗଣତି ମଣତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଶୁକ୍ରବାର ଆଇନ ମନ୍ତ୍ରୀ ଆହୁରି ତିନି ମାସ ଲାଗିବ ବୋଲି କହିବା ଦୁର୍ଭାଗ୍ୟଜନକ ।

ଗଣତି ମଣତି ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ା ଯାଇଛି ବୋଲି ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ । ପୂର୍ବରୁ ଗଣତି ମଣତି ସମୟରେ



କେବେ ରିଜର୍ଭ ବ୍ୟାଙ୍କର ସହାୟତା ନିଆ ଯାଇଥିଲାକି ? ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟରେ ଗଣତି ମଣତି ସମୟରେ ରିଜର୍ଭ ବ୍ୟାଙ୍କର ସହାୟତା ନେବା ବ୍ୟବସ୍ଥା ରହିଛି କି ? ଯଦି ନାହିଁକେଉଁ କାରଣ ପାଇଁ ଏହାକୁ ରିଜର୍ଭ ବ୍ୟାଙ୍କ ନାମରେବିଳମ୍ବିତ କରିବାକୁ ଚେଷ୍ଟା କରାଯାଉଛି ।

ରତ୍ନ ଭଣ୍ଡାରର ଗଣତି ମଣତି କରିବା ପରିବର୍ତ୍ତେ ଗତ ଏକବର୍ଷ ଧରି ଠାକୁରଙ୍କ ବହୁମୂଲ୍ୟ ଅଳଙ୍କାର ସମୂହ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଏବେ ଅଳିଆ ଗଦା ମାଧ୍ୟମରେ ସୃଷ୍ଟି ହୋଇଥିବା ପଞ୍ଚମ ଦ୍ୱାର ଦେଇ କିଛି ଲୋକ ପ୍ରବେଶ କରୁଥିବା ଦୃଶ୍ୟ ଓଡ଼ିଶାବାସୀଙ୍କୁ ବିଚଳିତ କରିବା ସହିତ ରତ୍ନ ଭଣ୍ଡାର ବାହାରେ ଥିବା ରତ୍ନ ସୁରକ୍ଷିତ ଅଛି କି ନାହିଁ, ସେନେଇ ଜଗନ୍ନାଥ ପ୍ରେମୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି । ରାଜ୍ୟ ସରକାର ରତ୍ନ ଭଣ୍ଡାରର ଗଣତି ମଣତିକୁ ନେଇ ଆଉ ଅଧିକ ରାଜନୀତି ନକରି ଜନସାଧାରଣଙ୍କ ମନରୁ ସନ୍ଦେହ ଦୂର କରନ୍ତୁ ବୋଲି ଡଃ ମହାନ୍ତି କହିଛନ୍ତି ।

## ଆଜି ୧୬ତମ ରୋଜଗାର ମେଳା

# ୫୧,୦୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତିପତ୍ର ବାଣ୍ଟିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରୋଜଗାର ମେଳା ଅବସରରେ ଆସନ୍ତା ୧୨ ଜୁଲାଇ ୨୦୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନରେ ନବନିଯୁକ୍ତ ଯୁବପିଢ଼ିଙ୍କୁ ୫୧,୦୦୦ ଠାରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରିବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ପୂର୍ବାହ୍ନ ୧୧ଟାରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନରେ ନିଯୁକ୍ତି ପାଇଥିବା ନବନିଯୁକ୍ତ ଯୁବପିଢ଼ିଙ୍କୁ ୫୧,୦୦୦ ରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରିବେ ଏହି ଅବସରରେ ସେ ନବନିଯୁକ୍ତମାନଙ୍କୁ ସମ୍ବୋଧନ ମଧ୍ୟ କରିବେ ।

ରୋଜଗାର ମେଳା , ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ଅଗ୍ରାଧୀକାର ପ୍ରଦାନକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶ୍ରୁତିକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ଯୁବପିଢ଼ିଙ୍କୁ ଏକ ସାର୍ଥକ ଅବସର ପ୍ରଦାନ କରି ସେମାନଙ୍କ ସଶକ୍ତିକରଣ ଓ ରାଷ୍ଟ୍ର ନିର୍ମାଣରେ ଅଂଶଗ୍ରହଣ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରିବାରେ ରୋଜଗାର ମେଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ସମଗ୍ର ଦେଶରେ ଏପର୍ଯ୍ୟନ୍ତ ୧୦ ଲକ୍ଷ ଠାରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି ।

୧୬ତମ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଆୟୋଜିତ ହେବ । କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ଗୁଡିକରେ ଏହି ନିଯୁକ୍ତି କରାଯାଉଛି । ଦେଶର ବିଭିନ୍ନ ସ୍ଥାନରୁ ମନୋନୀତ ନବନିଯୁକ୍ତମାନେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ଡାକ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଶ୍ରମ ଓ କର୍ମନିଯୁକ୍ତି ମନ୍ତ୍ରଣାଳୟ ସହିତ ଅନ୍ୟାନ୍ୟ ବିଭାଗ ଓ ମନ୍ତ୍ରଣାଳୟରେ ଯୋଗ ଦେବେ ।

ପୂର୍ବତଟ ରେଳବାଇ ଦ୍ୱାରା ଆୟୋଜିତ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ୧୬ତମ ରୋଜଗାର ମେଳାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ ପୂର୍ବତଟ ରେଳବାଇର ବିଶାଖାପାଟଣା ଏବଂ ସମ୍ବଲପୁର ଡିଭିଜନରେ ମଧ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ରେଳ ମନ୍ତ୍ରଣାଳୟର କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ ଏବଂ ନିର୍ଗୁଣ୍ଡି ଠାରେ ରେଳ ଫ୍ଲାଏଓଭରକୁ ମଞ୍ଜୁରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ୮୦୨.୯ କୋଟି ମୂଲ୍ୟରେ କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ (୧୫.୯୯ କିଲୋମିଟର) ଏବଂ ନିର୍ଗୁଣ୍ଡି ଠାରେ ଏକ ରେଳ ଫ୍ଲାଏଓଭରକୁ ମଞ୍ଜୁରୀ ଦେଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଲକ୍ଷ୍ୟ ହେଉଛି ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ।

ଓଡ଼ିଶାକୁ ଆଉ ଏକ ଭିତ୍ତିଭୂମି ପ୍ରୋତ୍ସାହନ ସ୍ୱରୂପ, ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ୮୦୨.୯ କୋଟି ମୂଲ୍ୟରେ କଟକ- ନିର୍ଗୁଣ୍ଡି ଚତୁର୍ଥ ଲାଇନ (୧୫.୯୯ କିଲୋମିଟର) ଏବଂ ନିର୍ଗୁଣ୍ଡି ଠାରେ ଏକ ରେଳ ଫ୍ଲାଏଓଭରକୁ ମଞ୍ଜୁର କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଲକ୍ଷ୍ୟ ହେଉଛି ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ।

କଟକ-ନିର୍ଗୁଣ୍ଡି ସେକ୍ସନ ହାଓଡ଼ା-ଚେନ୍ନାଇ ହାଇ-ଡେନ୍ସିଟି ନେଟୱାର୍କ (ଏଚଡିଏନ)ର ଏକ ଅଂଶ । ପାରାଦୀପ ବନ୍ଦରରୁ କଟକରେ ମୁଖ୍ୟ ଲାଇନକୁ କ୍ରସିଂ କରୁଥିବାରୁ ଏହି କରିଡରରେ ବର୍ତ୍ତମାନ ଅଧିକ ଭିଡ଼ ପରିଲକ୍ଷିତ ହେଉଛି । ତାଳଚେର ଯିବା ପାଇଁ କଟକରେ କୌଣସି ସିଧାସଳଖ ଜଙ୍କସନ ବ୍ୟବସ୍ଥା ନଥିବାରୁ, ପୃଷ୍ଠ-ସ୍ତର କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ ପ୍ରାୟତଃ ଦୀର୍ଘ ବିଳମ୍ବର ସମ୍ମୁଖୀନ ହେଉଛନ୍ତି ।

ଚତୁର୍ଥ ଲାଇନ ଏବଂ ରେଳ ଫ୍ଲାଏଓଭରକୁ ମୁଖ୍ୟ ଲାଇନ ରୁଟ୍‌ଗୁଡ଼ିକରୁ ପାରାଦୀପ ବନ୍ଦର ଯାଉଥିବା ଟ୍ରାଫିକକୁ ପୃଥକ କରି କରିଡରକୁ ଭିଡ଼ କମ କରିବା ପାଇଁ ଡିଜାଇନ୍ କରାଯାଇଛି, ବିଶେଷକରି କଟକ ଏବଂ ଢେଙ୍କାନାଳ ମଧ୍ୟରେ । ଏହି ପ୍ରକଳ୍ପ କଟକ ଏବଂ ଭୁବନେଶ୍ୱର ସେକ୍ସନରୁ ଆସୁଥିବା ଏବଂ ଯାଉଥିବା ମୁଖ୍ୟ ଲାଇନ ସେକ୍ସନରେ ଯାତ୍ରୀ ଏବଂ ମେଲ ଏକ୍ସପ୍ରେସ ଟ୍ରେନଗୁଡ଼ିକର ଅଟକ ହ୍ରାସ କରିବାରେ ସାହାଯ୍ୟ କରିବ । ବର୍ତ୍ତମାନ ନିର୍ଗୁଣ୍ଡି ଠାରେ ମେଲ ଏକ୍ସପ୍ରେସରେ କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ କେତେକ ସମୟରେ ପ୍ରତିବନ୍ଧକ ଯୋଗୁଁ ଅଟକ ରଖାଯାଏ । ଏହି ପ୍ରକଳ୍ପ କଟକଣାକୁ କମ କରିବ ଏବଂ ସେକ୍ସନରେ ଟ୍ରେନଗୁଡ଼ିକର ସମୟାନୁବର୍ତ୍ତୀତାକୁ ଉନ୍ନତ କରିବାରେ ଏବଂ ଅଧିକ କୋଚିଂ ଟ୍ରେନଗୁଡ଼ିକୁ ସୁଗମ ଭାବରେ ଚଳାଇବାରେ ସାହାଯ୍ୟ କରିବ ।

ଏହି ପ୍ରକଳ୍ପ ଏହି ସେକ୍ସନରେ କୋଚିଂ ଏବଂ ମାଲବାହୀ ଟ୍ରେନଗୁଡ଼ିକୁ ପୃଥକ କରିବାରେ ମଧ୍ୟ ସାହାଯ୍ୟ କରିବ । ଏବଂ ମୁଖ୍ୟପଥ ବାଇପାସ୍ କରିବା ସମୟରେ ଟ୍ରେନଗୁଡ଼ିକ ବିଳମ୍ବ ହେବ ନାହିଁ । ଏହି ପ୍ରକଳ୍ପର ଅଂଶ ଭାବରେ ମହାନଦୀ ଏବଂ ବିରୂପାରେ ଦୁଇଟି ନଦୀ ସେତୁ ମଧ୍ୟ ନିର୍ମାଣ କରାଯିବ । ଫ୍ଲାଏଓଭର ସହିତ ଏହି ପ୍ରକଳ୍ପ ଲାଇନଟି କବଚ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ୧୩୦ କିଲୋମିଟର ପ୍ରତି ଘଣ୍ଟା ବେଗ ସହିତ ୨୫x୨୫ କଠ ବିଦ୍ୟୁତୀକରଣ ସିଷ୍ଟମ ସହିତ ଡିଜାଇନ୍ କରାଯାଇଛି । ଏହି ରଣନୈତିକ ପ୍ରକଳ୍ପ ଭାରତୀୟ ରେଳବାଇର ସବୁଠାରୁ ବ୍ୟସ୍ତବହୁଳ କରିଡର ମଧ୍ୟରୁ ଗୋଟିଏରେ ଭିତ୍ତିଭୂମିକୁ ଆଧୁନିକୀକରଣ ଏବଂ ରେଳ ପରିବହନ ନେଟୱାର୍କର ଦକ୍ଷତା ଉନ୍ନତ କରିବା ପାଇଁ ପୂର୍ବ ତଟ ରେଳବାଇର ନିରନ୍ତର ପ୍ରୟାସର ଏକ ଅଂଶ ।

# ଏଚଆଇଭି/ ଏଡସ୍ ସମ୍ପର୍କରେ ସଚେତନତା ପାଇଁ ଓସାକ୍ସର ଅଭିନବ ପ୍ରୟାସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗ୍ରାମାଞ୍ଚଳରେ ଏଚଆଇଭି/ଏଡସ୍ ସମ୍ପର୍କୀତ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ପକ୍ଷରୁ ଶୁକ୍ରବାର ଠାରୁ ଦ୍ୱିଦିବସୀୟ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହେଉଛି । କର୍ମଶାଳାକୁ ଓସାକ୍ସ ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଉଦଘାଟନ କରିଥିଲେ । ସେ କହିଥିଲେ ଯେ ସବୁ କ୍ଷେତ୍ରରେ ସଚେତନତା ହିଁ ଜୀବନକୁ ସୁରକ୍ଷିତ ଓ ସୁଗମ କରିପାରିବ । ଏହି ଦୁଇଦିନିଆ କର୍ମଶାଳାରେ ଯୋଗଦେଇଥିବା କଳାକାରମାନେ ହେଉଛନ୍ତି ଜଣେ ଜଣେ ସଚେତନତାର ବାର୍ତ୍ତାବହ । ତେଣୁ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ସେମାନଙ୍କ ଜରିଆରେ ଏଚଆଇଭି/ଏଡ୍‌ସର ସଚେତନତାର ବାର୍ତ୍ତା ଗ୍ରାମାଞ୍ଚଳରେ ପ୍ରଚାର ପ୍ରସାର କରାଯିବ ।

ଯୋଗଦେଇଥିବା ଅତିଥିମାନେ ଏଚଆଇଭି/ଏଡ୍‌ସ କ୍ଷେତ୍ରରେ




ସଚେତନତାର ମହତ୍ୱ ଏବଂ ପାରମ୍ପରିକ ଲୋକନୃତ୍ୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଜନସଚେତନତା କ୍ଷେତ୍ରରେ ପାରମ୍ପରିକ ଲୋକନୃତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଚଆଇଭି/ଏଡ୍‌ସର ବ୍ୟାପକ ସଚେନତା କ୍ଷେତ୍ରରେ ଲୋକନୃତ୍ୟ ମାଧ୍ୟମରେ ଅତ୍ୟନ୍ତ ଗୁରୁତ୍ୱ ରହିଛି ବୋଲି ଅଭିହିତ କରିଥିଲେ । ସେମାନେ କହିଥିଲେ ଯେ ଏହା ହେଉଛି ପୁରାତନ ଏବଂ ଲୋକପ୍ରିୟ ମାଧ୍ୟମ । ଏହା ଜରିଆରେ ଦିଆଯାଉଥିବା ସୂଚନା ଲୋକମାନଙ୍କ ମଧ୍ୟରେ ଆଦୃତ ହେବା ସହ ସହଜରେ ଗ୍ରହଣୀୟ ହୋଇଥାଏ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସ୍ୱୀକୃତିପ୍ରାପ୍ତ କଳାକାରମାନଙ୍କୁ ଏଚଆଇଭି/ଏଡ୍‌ସର ସଚେତନତାକୁ ଅଧିକ ପ୍ରଚାର ପ୍ରସାର କରିବା ନେଇ ଏହି ପ୍ରଶିକ୍ଷଣ କର୍ମଶାଳା ଆୟୋଜନ କରାଯାଇଛି । ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଏଡ୍‌ସ ପ୍ରବଣ ଖୋର୍ଦ୍ଧା, ଗଞ୍ଜାମ, ନବରଙ୍ଗପୁର, କଟକ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଏହି କାର୍ଯ୍ୟକ୍ରମରେ ପାଲା, ଦାସକାଠିଆ, ଘୋଡ଼ାନାଚ, ପପେଟ, ପଥପ୍ରାନ୍ତ ନାଟକ ଆଦି ଲୋକନୃତ୍ୟ ଦଳଙ୍କୁ ସାମିଲ କରାଯାଇଛି ।

ସୂଚନାଯୋଗ୍ୟ ଯେ, "ଏଚଆଇଭି/ଏଡ୍‌ସ ଓ ଯୌନ ସଂକ୍ରମଣ"ର ନିରାକରଣ ପାଇଁ ଆସନ୍ତା ୧୨ ତାରିଖ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଦେଶବ୍ୟାପୀ ସଚେତନତା ଅଭିଯାନର ଶୁଭାରମ୍ଭ ହେବାକୁ ଯାଉଛି । ଅଗଷ୍ଟ ୧୨ ତାରିଖରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଦୁଇମାସ ଧରି ଏହି କାର୍ଯ୍ୟକ୍ରମ ଚାଲିବ । ଏହି କ୍ରମରେ ରାଜ୍ୟରେ ଗ୍ରାମାଞ୍ଚଳ, ସ୍କୁଲ ଓ କଲେଜ ମାନଙ୍କରେ ବିଭିନ୍ନ ସଚେତନତାଧର୍ମୀ କାର୍ଯ୍ୟକ୍ରମ ସହ ଲୋକନୃତ୍ୟ ଜରିଆରେ ସଚେତନତା କରାଯିବ । ସମସ୍ତଙ୍କୁ ସଚେତନ କରାଇବା ସହ ୨୦୩୦ ସୁଦ୍ଧା ଏଚଆଇଭି/ଏଡ୍‌ସକୁ ସମାପ୍ତ କରିବା ମିଳିତ ଜାତିସଂଘର ଲକ୍ଷ୍ୟ ହାସଲ କ୍ଷେତ୍ରରେ ଓସାକ୍ସ ଉଦ୍ୟମ ଜାରି ରଖିଛି ।

# ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ୍

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ବଡବିଲ ପୋଲିସକୁ ବଡ଼ ସଫଳତା ମିଳିଛି । ଏକ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି ବଡବିଲ ପୋଲିସ । ବଡବିଲ, ଯୋଡ଼ା ଏବଂ ଆଖପାଖ ଅଞ୍ଚଳରେ ଭୟ ସୃଷ୍ଟି କରୁଥିବା ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଛି ପୋଲିସ । ଏନେଇ ଶୁକ୍ରବାର ଦିନ ଏକ ସମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ । ଏହି ଘଟଣାରେ ୫ ଜଣ ଗିରଫ ହୋଇଥିବା ବେଳେ ୨୯.୫୩୦ ଗ୍ରାମ ସୁନା, ୩କେଜି ୬୮୧ ଗ୍ରାମ ରୂପା ସହ ଏକ ବାଇକ ଜବତ କରିବାରେ ସକ୍ଷମ ହୋଇଛି । ଏହି ହାଇ-ପ୍ରୋଫାଇଲ୍ ଅପରେସନର ନେତୃତ୍ୱ ବଡବିଲ ପୋଲିସ ଷ୍ଟେସନ୍ ଆଇଆଇସି ଅଶୋକ କୁମାର ନାୟକ ନେଇଥିଲେ । କେନ୍ଦୁଝର ଏସପିଙ୍କ ନିର୍ଦ୍ଦେଶକ୍ରମେ ବଡବିଲ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା ଏବଂ ସମସ୍ତ ଘଟଣାର ସଠିକ୍ ତଦନ୍ତ ପରେ ଝାଡ଼ଖଣ୍ଡ ରାଜ୍ୟର ୩ ଜଣ ଅପରାଧୀଙ୍କୁ ଚିହ୍ନଟ କରାଯାଇଥିଲା, ଯେଉଁଥିରେ ୨ ଜଣ ମଝିଗାଁ ଏବଂ ଜଣେ ଜଗନ୍ନାଥପୁରର ବାସିନ୍ଦା ବୋଲି ଜଣାପଡିଥିଲା । ଛିନତାଇ ଓ ଲୁଟ୍ ଗ୍ୟାଙ୍ଗର ୩ ସଦସ୍ୟଙ୍କ ସମେତ ୨ ଜୁଏଲାରୀ ଦୋକାନୀଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି ପୋଲିସ୍ । ଏହି ଲୁଟେରା ଗ୍ୟାଙ୍ଗ ଗତ କିଛି ମାସ ମଧ୍ୟରେ ବଡ଼ବିଲ ଥାନା ଅଞ୍ଚଳରେ ୫ଟି, ଯୋଡ଼ାରେ ୩ଟି ଓ ଚମ୍ପୁଆ ଥାନା ଅଞ୍ଚଳରେ ଗୋଟିଏ ଛିନତାଇ ଓ ଲୁଟ୍ ଘଟଣାରେ ସଂପୃକ୍ତ ଥିବାନେଇ ପୋଲିସ୍ ଆଗରେ ସ୍ୱୀକାର କରିଛନ୍ତି । ଏମାନଙ୍କ ନିକଟରୁ ୨୯. ୫୩୦ ଗ୍ରାମର ସୁନା ଅଳଙ୍କାର, ୩ କେଜି ୬୮୧ ଗ୍ରାମ ରୂପା ଅଳଙ୍କାର ଓ ଗୋଟିଏ ହୋଣ୍ଡା ସାଇନ ବାଇକ୍ ଜବତ୍ ହୋଇଛି । ଗିରଫ ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ ପ୍ରଦେଶର ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମ୍ବିଧାନର ସୁରକ୍ଷା ଓ...

କିନ୍ତୁ ରାଜ୍ୟ ସରକାର ଏହାକୁ ଗୁରୁତ ଦେଉନାହାନ୍ତି । ଜାତି ଜନଗଣନା ପାଇଁ ଦାବି ପ୍ରସଙ୍ଗରେ ତେଲେଙ୍ଗାନାରେ କଂଗ୍ରେସ ସରକାର ଦ୍ୱାରା କରାଯାଇଥିବା ଜାତି ଜନଗଣନାର ସଫଳତାକୁ ଉଲ୍ଲେଖ କରି ସେ କହିଥିଲେ ଯେ, ଓଡ଼ିଶାରେ ମଧ୍ୟ ଜାତି ଜନଗଣନା କରାଯିବା ଉଚିତ, ଯାହା ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବ । ସେ ଓଡ଼ିଶା କଂଗ୍ରେସ ନେତା ଭକ୍ତ ଦାସ ଓ ଅଜୟ ଲଲୁଙ୍କୁ ଜନତାଙ୍କୁ ଜାତି ଜନଗଣନାର ଗୁରୁତ ବୁଝାଇବାକୁ ନିର୍ଦ୍ଦେଶ ଦେବା ସହ ଏହା ଆମ ପାଇଁ ବଡ଼ ଅସ୍ତ୍ର ବୋଲି କହିଥିଲେ ।

ଏହି ସମାବେଶରେ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଭାଷଣରେ କେନ୍ଦ୍ର ମୋଦୀ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ କଟୁ ସମାଲୋଚନା କରି କଂଗ୍ରେସର ସଫଳତା ପାଇଁ ଏକଜୁଟ୍ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଏଆଇସିସି ସାଧାରଣ ସମ୍ପାଦକ ବେଣୁ ଗୋପାଳ , ପିସିସିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନାଙ୍କ ସମେତ ସମସ୍ତ ବରିଷ୍ଠ ନେତୃବୃନ୍ଦ, ବିଧାୟକ, ସାଂସଦ ଓ କର୍ମକର୍ତ୍ତା ଏବଂ ବିଭିନ୍ନ ଛାମୁଆ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

### ଆଜିଠୁ ରାଜ୍ୟରେ...

କରିଥାନ୍ତି । ଘରୋଇ ବସ୍ ଚଳାଚଳ ବନ୍ଦ ହୋଇଯିବା ଦ୍ୱାରା ଯାତ୍ରୀମାନଙ୍କୁ ବହୁ ହଇରାଣ ହରକତ ହେବାକୁ ପଡୁଛି ।

କଟକରେ ଘରୋଇ ବସ ଚଳାଚଳ ସ୍ୱାଭାବିକ ହେବ । କଟକ ଘରୋଇ ବସ ମାଲିକ ସଂଘ ଆଉ ଡ୍ରାଇଭର ମହାସଂଘ ଧର୍ମଘଟକୁ ସମର୍ଥନ ଜଣାଇବେ ନାହିଁ । ଧର୍ମଘଟର ସମାଧାନ ହେଉ ନ ଥିବାରୁ ବସ ଚଳାଚଳ ବନ୍ଦ ରହିଥିବା ଯୋଗୁ ମାଲିକ କ୍ଷତି ସହୁଛନ୍ତି । ତେଣୁ ଯାତ୍ରୀଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିବାରୁ ଏହାକୁ ମଧ୍ୟ ନଜରକୁ ନେଇଛି ବସ ମାଲିକ ସଂଘ ।

ଓଡ଼ିଶା ଡ୍ରାଇଭର ମହାସଂଘର ଦାବିରେ ରାଜ୍ୟର ୫ ଲକ୍ଷରୁ ଅଧିକ ଡ୍ରାଇଭର ଏଥିରେ ସାମିଲ ହୋଇଛନ୍ତି । ୭ ଦଫା ଦାବି ମଧ୍ୟରେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରକୁ ସାମିଲ କରିବା ସହ ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯିବା ଦାବିକୁ ଅନ୍ତର୍ଭୁକ୍ତ କରାଯାଇଛି । ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ପ୍ରତି ୧୦୦ କିଲୋମିଟର ଅନ୍ତରାଳରେ ଗାଡ଼ି ପାର୍କିଂ ଏବଂ ଡ୍ରାଇଭରମାନଙ୍କ ବିଶ୍ରାମ ନେବାପାଇଁ ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା, ରାଜ୍ୟରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନା ଗୁଡ଼ିକରେ ଓଡ଼ିଶାର ଡ୍ରାଇଭରଙ୍କୁ ଶତକଡ଼ା ୭୦ ପ୍ରତିଶତ କାମ ଦେବା ଏବଂ ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ ବୋଲି ସଂଘ ଦାବି କରିଛି ।

### ୮ ମହିଳା ...

ଏବଂ କୁତୁର ଏରିଆ କମିଟିର ରହିଥିବା ପୁଲିସ କହିଛି । ସମସ୍ତ ୨୨ ଜଣ ନକ୍ସଲଙ୍କ ନାମରେ ସରକାର ୩୭ ଲକ୍ଷ ୫୦ ହଜାର ଟଙ୍କା ପୁରସ୍କାର ଘୋଷଣା କରିଥିଲେ ।

ଆଗକୁ ବିକାଶ ଧାରାକୁ ସହଯୋଗ କରିବା ସହ ନକ୍ସଲ ବିରୋଧରେ ସ୍ୱରତ୍ତୋଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରଶାସନ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଆଗାମୀ ଦିନରେ ସମସ୍ତଙ୍କୁ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି ।

### ଲିଖିତ ପ୍ରତିଶ୍ରୁତି ...

ସମ୍ବିଧାନ ବଞ୍ଚାଅ ରାଲି ପାଇଁ କଂଗ୍ରେସ ଗାଡ଼ିକୁ ଅଟକାଇ ନ ଥିଲା । ହେଲେ ଡ୍ରାଇଭର ସଂଘର ଆନ୍ଦୋଳନ ଜନସାଧାରଣଙ୍କ ଉପରେ ପ୍ରଭାବ ପକାଇଛି । ବିଭିନ୍ନ ସ୍ଥାନରୁ ଗାଡ଼ି ଚଳାଚଳ ବନ୍ଦ ରହିଥିବା ବେଳେ ଯାତ୍ରୀମାନେ ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଫସି ରହିଥିବା ଜଣାପଡିଛି ।

### ଚାନ୍ଦିପୁରରେ...

କାର୍ଯ୍ୟଦକ୍ଷତାକୁ ଯାଞ୍ଚ□ କରାଯାଇଥିଲା । ଏହି ସଫଳ ଉଡ଼ାଣ ପରୀକ୍ଷଣ ସ୍ୱଦେଶୀ ଭାବେ ନିର୍ମିତ ସ୍କିକର ସହିତ ଅସ୍ତ୍ର ଯୁଦ୍ଧାସ୍ତ୍ର ପ୍ରଣାଳୀର ସଠିକ ଲକ୍ଷ୍ୟଭେଦ କ୍ଷମତା ଏବଂ ଭରସାଯୋଗ୍ୟ କାର୍ଯ୍ୟଦକ୍ଷତାକୁ ପୁନଃ ପ୍ରମାଣିତ କରିଥିଲା ।

### ଜାତୀୟ ସବୁଜ ...

ଗୋପାଳପୁର ଭଳି ପ୍ରମୁଖ ବନ୍ଦର ନିକଟରେ ଏଥିପାଇଁ ଅପାର ସମ୍ଭାବନା ରହିଛି ।

ଏହି ବୈଠକରେ ଓଡ଼ିଶା ସରକାର, ପ୍ରମୁଖ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ପ୍ରମୁଖ ସବୁଜ ହାଇଡ୍ରୋଜେନ୍ ଡେଭଲପରମାନଙ୍କର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଅଧିକ ପରିମାଣର ସବୁଜ ହାଇଡ୍ରୋଜେନ୍/ ସବୁଜ ଆମୋନିଆ ପ୍ରକଳ୍ପର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକ ଉପରେ ବିଚାରବିମର୍ଶ କରାଯାଇଥିଲା । ବିଶେଷକରି ଗୋପାଳପୁରର ଏସଇଜେଡ ଠାରେ ଏଥିପାଇଁ ରହିଥିବା ସମ୍ଭାବନାକୁ ନେଇ ଆଲୋଚନା ହୋଇଥିଲା ।।

ଏହି ପ୍ରୟାସଗୁଡ଼ିକ ଦ୍ରୁତ ଗତିରେ ବଢୁଥିବା ଭାରତର ସବୁଜ ହାଇଡ୍ରୋଜେନ୍ ଇକୋସିଷ୍ଟମ ଲାଗି ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ପଥ ପ୍ରଶସ୍ତ କରିବ ।

ଓଡ଼ିଶା ସରକାର ଧାର୍ଯ୍ୟ ସମୟସୀମା ମଧ୍ୟରେ ସବୁଜ ହାଇଡ୍ରୋଜେନ୍ ଉପାଦାନର ଉତ୍ପାଦନ ଓ ରପ୍ତାନୀ ପାଇଁ ଏକ ସହଯୋଗୀ ଇକୋସିଷ୍ଟମ ଏବଂ ପସନ୍ଦଯୋଗ୍ୟ ନିବେଶ ଗନ୍ତବ୍ୟସ୍ଥଳ ବିକାଶ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫତ ବିଜଲି ଯୋଜନା' ହେଉଛି ଭାରତ ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ । ଏହାର ଲକ୍ଷ୍ୟ ହେଉଛି, ସାରା ଦେଶରେ ଛାତ ଉପରେ ସୌରଶକ୍ତି ୟୁନିଟ ସ୍ଥାପନକୁ ପ୍ରୋତ୍ସାହିତ କରିବା । ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ଓଡ଼ିଶାରେ ଏହାର ଅଗ୍ରଗତିକୁ ନେଇ ମୁଖ୍ୟ ସଚିବଙ୍କ ସହିତ ସମୀକ୍ଷା କରିଥିଲେ । ସମୀକ୍ଷା ପରେ, ରାଜ୍ୟ ସାରା ଛାତ ଉପରେ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମୁଖ୍ୟ ଶାସନ ସଚିବ ନିୟମିତ ଏସଏଲବିସି ବୈଠକ ଆୟୋଜନ କରିବା, ବିକ୍ରେତା ଓ ବ୍ୟାଙ୍କରମାନଙ୍କ ସହିତ ଜଡିତ ହେବା ଏବଂ କାର୍ଯ୍ୟକାରିତାକୁ ସହଜ କରିବା ପାଇଁ ତୁରନ୍ତ ଋଣ ମଞ୍ଜୁର ଓ ବଣ୍ଟନ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ୧ କିଲୋୱାଟରୁ କମ୍ କ୍ଷମତା ସ୍ଥାପନ କରୁଥିବା ନିମ୍ନ ଆୟକାରୀ ପରିବାରଗୁଡ଼ିକ ପ୍ରତି ଏକ କେନ୍ଦ୍ରିତ ଆଭିମୁଖ୍ୟ ସହିତ ୟୁଟିଲିଟି-ଲେଡ-ଏଗ୍ରିଗେସନ (ୟୁଏଲଏ) ମଡେଲ କାର୍ଯ୍ୟକାରୀ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ ।

ମନ୍ତ୍ରଣାଳୟ ପିଏମ କୁସୁମ ଅଧୀନରେ କୃଷି କ୍ଷେତ୍ରରେ ସୌର ଶକ୍ତିର ଉପଯୋଗ ବୃଦ୍ଧି କରିବା ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ସର୍ବୋତ୍ତମ ଅଭ୍ୟାସଗୁଡ଼ିକ ଉପସ୍ଥାପନ କରିଥିଲା । ଏଗୁଡ଼ିକୁ ଧ୍ୟାନ ଦେଇ, ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଏଜେନ୍ସିକୁ ରାଜ୍ୟରେ ଫିଡର ସ୍ତରରେ ସୌର ଶକ୍ତି ବିକାଶ କାର୍ଯ୍ୟକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ଦ୍ୱାରା ଚାଷୀ ସମାଜକୁ ସ୍ୱଚ୍ଛ ଶକ୍ତିର ଲାଭ ମିଳିବ ।

### ଅଗଷ୍ଟ ୯ରେ...

ଅଯୋଗ୍ୟ ହିତାଧିକାରୀ ଆବେଦନ କରିଲେ ନାଁ ସରକାର କାଟିଦେବେ ।

୨ୟ କିସ୍ତି ଟଙ୍କା ମାର୍ଚ୍ଚ ୮ ତାରିଖରେ ମହିଳାଙ୍କ ଖାତାକୁ ଆସିଥିଲା । ଏହାପରେ ଆସନ୍ତା ରାଖୀ ପୂର୍ଣ୍ଣିମାରେ ୩ୟ କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଥିଲେ । ସୁଭଦ୍ରା ଯୋଜନାରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଘର ଘର ବୁଲି ହିତାଧିକାରୀଙ୍କୁ ଚିହ୍ନଟ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ।

### ଶ୍ରାବଣ ଆରମ୍ଭରୁ...

ଥିବାରୁ ନଦୀ ଭିତରକୁ ନଯିବାକୁ ତାଗିଦ କରାଯାଇଛି । ଆଗାମୀ ଦିନରେ ଅଧିକ ଭିଡ ହେଲେ ଆହୁରୀ ଅଧିକ ଟିମ ମୁତୟନ କରିବାକୁ ଯୋଜନା ରଖିଛି । ଅଗ୍ନିଶମ ବିଭାଗ ଗଡ଼ଗଡିଆ ଘାଟକୁ ସଫାସୁତୁରା ରଖିବା ପାଇଁ ସିଏମସି ପକ୍ଷରୁ ନିୟମିତ ସଫେଇ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି ।

### ଆନ୍ଦୋଳନ ପ୍ରତ୍ୟାହାର...

ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପାଇଁ ଆନ୍ଦୋଳନରୁ ଓହରିବାକୁ ମନ୍ତ୍ରୀ ସଂଘକୁ ଅନୁରୋଧ କରିଛନ୍ତି । ସେମାନଙ୍କ ଦାବି ଉପରେ ସରକାର ଆଲୋଚନା କରି ସମାଧାନ କରିବାକୁ କୁହାଯାଇଛି । ଏହା ପରେ ଉଦ୍ଦେଶ୍ୟ ମୂଳକ ଭାବରେ ଆନ୍ଦୋଳନ ଜାରି ରଖିବାକୁ ନେଇ ସେ ନିନ୍ଦା କରିଛନ୍ତି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.: MCSW-HIRING-FTL-25-26-12

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ଅପରେଟର ଓ ଇନ୍ଧନ ସହିତ 05 ଗୋଟି 03 ଟନ୍ ଡିଜେଲ୍ ଚାଳିତ FORKLIFT ଭଡ଼ା ସୂତ୍ରରେ ନେବା ।

**ବିଜ୍ଞାପିତ ମୂଲ୍ୟ :** ₹ 37,17,285.00, EMD : ₹ 74,400/-, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.07.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.07.2025ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର

PR-344/Q/25-26

OFFICE OF THE ENGINEER-IN-CHIEF,
RURAL WATER SUPPLY & SANITATION,
JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel: 0674-2395734, FAX: 0674-2394946, e-mail: cerwssodisha@gmail.com

O-423

**NOTICE INVITING BIDS (NIB)**
No. 8619 / Date: 11.07.2025

The Engineer-in-Chief, RWSS, Odisha, Bhubaneswar, Jal-O-Parimal Bhawan, Unit-V, Bhubaneswar-751001, Odisha on behalf of the Government of Odisha in Panchayat Raj and Drinking Water Department invites bids through e-Procurement in conformity with terms and conditions of the Detailed Tender Call Notice (DTCN) in double cover system for the following work. The bids should be submitted on-line in website www.tendersodisha.gov.in by eligible reputed registered manufacturing agencies/Authorized Distributor/Dealer having sufficient experience in similar type of works. The bidder should have the necessary portal Enrolment (with his own Digital Signature Certificate).

| Sl No. | Name of the Rural Water Supply Project | Bid Identification No | Cost of Bid document (in Rs.) Online | Availability of Bid document for online Bidding | |
|---|---|---|---|---|---|
| | | | | From | To |
| 1 | Supply and delivery of 5 Nos. Truck mounted Mobile Water Treatment Plant having 2000 ltrs/hr. capacity for treating turbid/flood water/brackish water and make it potable on spot, disinfection through ozonation including provision of polythene pouch marking facility of 4000 pouch/hr capacity (Polyethylene thickness not less than 50 micron) with operation and maintenance for 05-years. | EIC/RWSS /05/2025-26 | 10,000 | 5.00 PM of 14.07.2025 | 5.00Pm of 29.07.2025 |

Name & address of officer inviting Bid: Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph: 0674-2395734/ 0674-2531533, e-mail: cerwssodisha@gmail.com

Further details can be seen from the e-procurement portal http://tendersodisha.gov.in

OIPR-25003/11/0026/2526 Sd/- Engineer in-Chief, RWSS

"e" Tender Notice
PANCHAYAT SAMITI, BALIPATNA
E-mail- ori-balipatna@nic.in
No- 2917 Date: 09.07.2025

i-358

DETAILS TENDER CALL NOTICE NO.01/BPS/2925-26

1. Number of Civil works : 06 (Six)
2. Estimated Cost : Rs 14,21,016/- to 21,99,347/-
3. Period of completion : 06(Six) Calendar Months
4. Availability of Tender online for biding: 11.07.2025 at 11.00 AM to 25.07.2025 to 5.00 P.M.
5. Last Date /Time of seeking Tender Clarification: 25.07.2025 up to 5.00 P.M.
6. Date & time of opening of Tender: 28.07.2025 at 11.00 A.M.
7. Further the . details can be . seen from the site(http://www.tenderodisha.gov.in)

Sd/- Block Development Officer
Balipatna

OIPR-19303/11/0004/2526

GOVERNMENT OF ODISHA
WORKSDEPARTMENT

E-Mail I'd – eerbjspr@gmail.com

B-294

Corrigendum to Bid Identification No. -S.E.JSPR (R&B) - 06/2025-26
Tender Reference No. -S.E.JSPR (R&B) - 06/2025-26

The Bids amount, availability period and date of opening of the tenders have been modified due to unavoidable circumstances. The modified amount and dates are as follows.-

| Sl. No | Bid Identification No. | Bid Tender Amount | Revised Bid Tender Amount | Bid Availability Period as per Tender Notice | Revised Bid Availability Period. | Bid Opening as per Tender Notice | Revised Opening Date |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 5 | 6 |
| 1 | S.E.JSPR (R&B) - 06/2025-26-1 | (Civil Work) Rs. 99,91,879.00/- | Same as per Notice | 10.07.2025 to 17.00 Hours of 24.07.2025 | 16.07.2025 to 17.00 Hours of 28.07.2025 | 25.07.2025 at 11.00 Hours | 29.07.2025 at 11.00 Hours |
| | S.E.JSPR (R&B) - 06/2025-26-2 | (Civil Work) Rs. 69,49,075.00/- Security amount (Rs.) Online Rs.69,491.00/- | (Civil Work) Rs. 73,32,658.00/- Security amount (Rs.) Online Rs.73,327.00/- | 10.07.2025 to 17.00 Hours of 24.07.2025 | 16.07.2025 to 17.00 Hours of 28.07.2025 | 25.07.2025 at 11.00 Hours | 29.07.2025 at 11.00 Hours |

All other terms and conditions remain unchanged. Further details can be seen from the website http://tendersodisha.gov.in.

Sd/- (Er. SarbenduSutar)
Superintending Engineer
Jagatsinghpur (R&B) Division

OIPR-34093/11/0025/2526

GOVERNMENT OF ODISHA,
"e"-PROCUREMENT NOTICE
OFFICE OF THE NOTIFIED AREA COUNCIL, BALLIGUDA

C-661

**Tender Call Notice**

NO 909 Date 09.07.2025
E-mail: eonacballiguda@yahoo.in
Bid Identification No. EO_BLG.N_01_2025-26

The Executive Officer, NAC, Balliguda, Dist - Kandhamal inviting percentage rate bid in **online mode** for the works as detailed in the table from eligible contractors for civil work as detailed in the table below:

1. Name of Work : As per D T C N
2. No. of Work : 06
3. Tender Cost : As per D T C N
4. Class of Contractor : As per DTCN
5. Period & time of completion : As per DTCN
6. Available of Bid Document in the Website : From Dt 14.07.2025, 1.00 PM to Dt. 21.07.2025 Up to 5.00 PM.
7. Date of opening of Bid : Dt 22.07.2025 at 11.30 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Executive Officer
NAC, Balliguda

OIPR-13097/11/0014/2526

ଭୁବନେଶ୍ୱର
୧୨ ଜୁଲାଇ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଜନସଂଖ୍ୟା ସ୍ଥିରତା ପକ୍ଷର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

**ଭୁବନେଶ୍ୱର, ୧୧।୭:ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନର ସଭାଗୃହଠାରେ ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ -୨୦୨୫ରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ପରିବାର କଲ୍ୟାଣ, ମାନବାଧିକାର ଓ ନାରୀମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଛନ୍ତି। ପରିବାର ଯୋଜନା, ଲିଙ୍ଗଗତ ସମାନତା, ମାତୃତ୍ୱ, ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ସମେତ ବିଭିନ୍ନ ଜନସଂଖ୍ୟା ସମ୍ବନ୍ଧୀୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ବିଶ୍ୱ ଜନସଂଖ୍ୟା ଦିବସର ପ୍ରଧାନ ଲକ୍ଷ୍ୟ ବୋଲି ସେ ମତପ୍ରକାଶ କରିଛନ୍ତି। ମିଳିମିଶି ସୁସ୍ଥ ସମାଜ ପରିବେଶ ଗଠନ ପାଇଁ ସମସ୍ତେ ଚେଷ୍ଟିତ ହେବାକୁ ସେ ଆହ୍ୱାନ କରିଥିଲେ।



ରାଜ୍ୟରେ ପରିବାର ନିୟୋଜନ ଅଭିଯାନକୁ ସଫଳ କରିବା ନିମନ୍ତେ ବହୁବିଧ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏହାର ଫଳସ୍ୱରୂପ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ବିଭିନ୍ନ କ୍ଷେତ୍ରରେ ବିଗତ ବର୍ଷ ମଧ୍ୟରେ ଆଶାନୁରୂପକ ସଫଳତା ଲାଭ କରିଛି। ସମସ୍ତ ସେବା ପ୍ରଦାନକାରୀମାନଙ୍କୁ ତାଲିମ ମାଧ୍ୟମରେ ସେମାନଙ୍କର ଦକ୍ଷତା ବୃଦ୍ଧିକରାଯାଉଛି। ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ, ଆଶା ଦିଦିମାନଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ଆବଶ୍ୟକ ସୂଚନା ପ୍ରଦାନକରି ସେବା ଗ୍ରହଣ ନିମନ୍ତେ ପ୍ରବର୍ତ୍ତାଯାଉଛି ବୋଲି ମନ୍ତ୍ରୀ କହିଥିଲେ।

ଏହି ଅବସରରେ ଡକ୍ଟର ମହାଲିଙ୍ଗ କହିଥିଲେ ଯେ ରାଜ୍ୟରେ ପରିବାର ନିୟୋଜନ ଅଭିଯାନକୁ ସଫଳ କରିବା ନିମନ୍ତେ ବହୁବିଧ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏହାର ଫଳସ୍ୱରୂପ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ବିଭିନ୍ନ କ୍ଷେତ୍ରରେ ବିଗତ ବର୍ଷ ମଧ୍ୟରେ ଆଶାନୁରୂପକ ସଫଳତା ଲାଭ କରିଛି। ଦମ୍ପତି ପିଛା ହାରାହାରି ସନ୍ତାନ ସଂଖ୍ୟା ଯାହା ୨.୧ ରହିବା ଆବଶ୍ୟକ, ଆମ ରାଜ୍ୟର ତାହା ୧.୮ରେ ପହଞ୍ଚିଛି। ଏହା ଜାତୀୟ ହାରଠୁ ଉନ୍ନତ ସ୍ତରରେ ରହିଛି। ପରିବାର ନିୟୋଜନର ଅପୂରଣୀୟ ଆବଶ୍ୟକତା ଓଡ଼ିଶାର ଶତକଡ଼ା ୧୩.୬ରୁ କମ୍ ହୋଇ ୭.୨ରେ ପହଞ୍ଚିପାରିଛି। ଯାହାକି ଆମ ରାଜ୍ୟ ପାଇଁ ଖୁସିର ବିଷୟ। ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ ଆଶା ଦିଦିମାନଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ଆବଶ୍ୟକ ସୂଚନା ପ୍ରଦାନକରି ସେବା ଗ୍ରହଣ ନିମନ୍ତେ ପ୍ରବର୍ତ୍ତାଯାଉଛି ବୋଲି ସେ ପ୍ରକାଶ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପରିବାର ନିୟୋଜନରେ ନିଜର ଅତୁଳନୀୟ ଅବଦାନ ଦେଇଥିବା ଆଶା, ଡାକ୍ତର, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନୂଆ ସରକାର ଆସିବା ପରେ ପ୍ରଥମ ଥର ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଉନ୍ନତ ପ୍ରଦର୍ଶନ ପାଇଁ ବିଭିନ୍ନ ଜିଲ୍ଲାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ରାଜଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ରଖିଥିବା ବେଳେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତି ନିଜର ବକ୍ତବ୍ୟ ରଖିଥିଲେ। ଅନ୍ତିମ ଚରଣରେ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ମୁରଲୀଧର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ଭୁବନେଶ୍ୱର ଫେରିବେ ନବୀନ



**ଭୁବନେଶ୍ୱର, ୧୧।୭**
**ନ୍ୟୁଜ୍‌ବ୍ୟୁରୋ**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶନିବାର ଭୁବନେଶ୍ୱରରେ ପହଞ୍ଚିବେ ବୋଲି ବିଜୁ ଜନତା ଦଳ ତରଫରୁ ସୂଚନା ଦିଆଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ଓବିସି ସେଲ୍‌ର ଆବାହକ ତଥା ବିଧାୟକ ଡ. ଅରୁଣ କୁମାର ସାହୁ ଓ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ ସଭାପତି ଶ୍ରୀ ପଟ୍ଟନାୟକ ମୁମ୍ବାଇରୁ ଶନିବାର ଦିନ ମଧ୍ୟାହ୍ନ ୧୧ଟା ୫୦ ମିନିଟ୍ ସମୟରେ ଭୁବନେଶ୍ୱର ଫେରିବେ ବୋଲି କହିଥିଲେ। ଗତ ଜୁନ୍ ୨୦ ତାରିଖରେ ଶ୍ରୀ ପଟ୍ଟନାୟକ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିଲେ। ଜୁନ ୨୨ ତାରିଖରେ ମୁମ୍ବାଇ ସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ଅପରେସନ ହୋଇଥିଲା। ରାଜ୍ୟର ଅଗଣିତ ଜନସାଧାରଣ ନବୀନଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ। ଅପରେସନ ପରେ ଶ୍ରୀ ପଟ୍ଟନାୟକ ସୁସ୍ଥ ହୋଇ ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱର ଫେରିବେ ବୋଲି ଶ୍ରୀ ମିଶ୍ର କହିଥିଲେ।

# ଯମୁନା ପୁନରୁଦ୍ଧାର ଓ ପ୍ରଦୂଷଣମୁକ୍ତ କରିବା ପାଇଁ ଅମିତ ଶାହଙ୍କ ଆହ୍ୱାନ

**ନୂଆଦିଲ୍ଲୀ, ୧୧।୭**

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ନୂଆଦିଲ୍ଲୀରେ ଯମୁନା ପୁନରୁଦ୍ଧାର ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧକ୍ଷତା କରିଛନ୍ତି। ଏହି ବୈଠକରେ କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର. ପାଟିଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଏବଂ ସମ୍ପୃକ୍ତ ମନ୍ତ୍ରଣାଳୟ ତଥା ଦିଲ୍ଲୀ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି (ଡିପିସିସି) ଜଳ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ କାର୍ଯ୍ୟ କରିବା ଉଚିତ। ସେ କହିଥିଲେ ଯେ ଦିଲ୍ଲୀ ସରକାର ଶିଳ୍ପ ସଂସ୍ଥାଗୁଡ଼ିକରୁ ବୃଦ୍ଧି ପାଉଥିବା ପ୍ରଦୂଷଣକୁ ରୋକିବା ପାଇଁ ନିରନ୍ତର ଏବଂ ପ୍ରଭାବୀ ପଦକ୍ଷେପ ନେବା ଉଚିତ। ଶ୍ରୀ ଶାହ କହିଥିଲେ ଯେ ଦିଲ୍ଲୀ ବ୍ୟତୀତ ଅନ୍ୟ ରାଜ୍ୟରୁ ବର୍ଜ୍ୟବସ୍ତୁ ରୂପରେ ଯମୁନା ନଦୀରେ ରାସାୟନିକ ପଦାର୍ଥ ମଧ୍ୟ ମିଶୁଛି, ତେଣୁ ଯମୁନା ନଦୀକୁ ସଫା କରିବା ପାଇଁ ଏହି ସମସ୍ତ ରାଜ୍ୟ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ।

ଶ୍ରୀ ଶାହ ନଜଫଗଡ଼ ଏବଂ ଶାହଦରାର ମୁଖ୍ୟ ନାଳଗୁଡ଼ିକରେ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି)କୁ ଉନ୍ନତ କରିବା ଲାଗି କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଶାହ ଦିଲ୍ଲୀର ଦୁଇଟି ମୁଖ୍ୟ ନାଳ ନଜଫଗଡ ଏବଂ ଶାହଦରା ନାଳର ଡ୍ରୋନ୍ ସର୍ଭେ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଦିଲ୍ଲୀ ସରକାରଙ୍କ ଦ୍ୱାରା ନଦୀଗୁଡ଼ିକର ସ୍ୱଚ୍ଛତା ପାଇଁ କରାଯାଉଥିବା ପ୍ରୟାସ ବ୍ୟତୀତ ଜାତୀୟ ସ୍ୱଚ୍ଛ ଗଙ୍ଗା ମିଶନ (ଏନ୍‌ଏମସିଜି) ର ବଜେଟ୍ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଶ୍ରୀ ଶାହ ଯମୁନାକୁ ସଫା କରିବା ସହିତ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି) ର କ୍ଷମତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ।

# ଗୁଜରାଟ ପୋଲ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି

**ଗାନ୍ଧିନଗର, ୧୧।୭**

ଭଦୋଦରା ଓ ଆନନ୍ଦ ମଧ୍ୟରେ ମହିସାଗର ନଦୀ ଉପରେ ନିର୍ମିତ ପୋଲ ଦୁର୍ଘଟଣା ପରେ ତୃତୀୟ ଦିନର ଉଦ୍ଧାର ଅଭିଯାନରେ ତିନିଟି ଟ୍ରକ୍ ଓ ଗୋଟିଏ ବାଇକ୍‌କୁ ନଦୀରୁ ବାହାର କରାଯାଇଛି। ଏହା ମଧ୍ୟରେ ନଦୀରୁ ଦୁଇଟି ମୃତଦେହ ମିଳିଛି ଓ ଜଣେ ଆହତ ବ୍ୟକ୍ତି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଁ ୨୧ ହୋଇଛି। ଏହା ମଧ୍ୟରେ ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଋଷିକେଶ ପଟେଲ ଘଟଣାସ୍ଥଳ ଗସ୍ତ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ପ୍ରାରମ୍ଭିକ ତଦନ୍ତରେ ପୋଲର ପେଡେଷ୍ଟାଲ୍ ଓ ଆର୍ଟିକ୍ୟୁଲେସନ୍ ଭାଙ୍ଗି ପଡ଼ିଥିବା ଦ୍ୱାରା ଏହି ଦୁର୍ଘଟଣା ଘଟିଛି। ପରେ ମନ୍ତ୍ରୀ ପଟେଲ ହସ୍ପିଟାଲକୁ ଯାଇ ଆହତମାନଙ୍କୁ ଭେଟିଛନ୍ତି ଓ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି।

ଭଦୋଦରା ଓ ଆନନ୍ଦ ମଧ୍ୟରେ ମହିସାଗର ନଦୀ ଉପରେ ଥିବା ଗଭୀର ପୋଲ ଗତ ୯ ତାରିଖରେ ଯାତାୟାତ ବେଳେ ହଠାତ୍ ଭାଙ୍ଗି ପଡ଼ିଥିଲା, ଯାହା ଫଳରେ ଅନେକ ଗାଡ଼ି ନଦୀକୁ ଖସି ପଡ଼ିଥିଲା।

# ବାସଭବନରେ ଲୋକଙ୍କ ଅଭିଯୋଗ ଶୁଣିଲେ ଆଇନ ମନ୍ତ୍ରୀ



**ଭୁବନେଶ୍ୱର, ୧୧।୭**
**ନ୍ୟୁଜ୍‌ବ୍ୟୁରୋ**

ବାସଭବନରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶୁକ୍ରବାର ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ଠାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣମାନେ ତାଙ୍କୁ ସାକ୍ଷାତ କରିବା ସହ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଓ ଅଭିଯୋଗ ଜଣାଇଥିଲେ। ଉକ୍ତ ସମସ୍ୟାଗୁଡ଼ିକୁ ଅତି ଗମ୍ଭୀରତାର ସହ ନେଇ ସମାଧାନ ଏବଂ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ସହ ଏହା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ।

# ଖାଇକୁ ଖସିଲା ବୋରୱେଲ ଗାଡ଼ି : ୪ ମୃତ

**କବର୍ଦ୍ଧା, ୧୧।୭**

ଛତିଶଗଡ଼ର କବର୍ଦ୍ଧା ଜିଲ୍ଲାରେ ଶୁକ୍ରବାର ସକାଳେ ଏକ ବୋରୱେଲ ଗାଡ଼ି ଗଭୀର ଖାଇ ଭିତରକୁ ଖସିପଡ଼ିଛି, ଯାହା ମଧ୍ୟପ୍ରଦେଶରୁ ଛତିଶଗଡ଼ ଦିଗକୁ ଆସୁଥିଲା। ଦୁର୍ଘଟଣା ପରେ ଚାରିଜଣ ମୃତଦେହ ଉଦ୍ଧାର କରାଯାଇଛି।

ପୋଲିସ ସୂତ୍ର ଅନୁସାରେ, ଗାଡ଼ିଟି ମଧ୍ୟପ୍ରଦେଶରୁ ଛତିଶଗଡ଼ ଆସୁଥିବାବେଳେ କୁକଦୂର ଥାନା ଅଞ୍ଚଳର ଅଗରପାନି ଚାଟାରେ ମୋଡ଼ ନିକଟରେ ଭାରସାମ୍ୟ ହରାଇ ଗଭୀର ଖାଇକୁ ଖସିପଡ଼ିଛି। ସକାଳ ୫ଟାରେ ଗ୍ରାମବାସୀମାନେ ଗାଡ଼ିଟିକୁ ଖାଇ ମଧ୍ୟରେ ପଡ଼ିଥିବା ଦେଖିଲେ। ସେମାନେ ନିଜ ସ୍ତରରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କଲେ ଓ ପୋଲିସକୁ ସୂଚନା ଦେଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସୂଚନା ଉପରେ ପୋଲିସ ଓ ଉଦ୍ଧାର ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରୁ ଚାରିଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗାଡ଼ି ତଳେ ଆଉ କିଛି ଲୋକ ଦବି ରହିଛନ୍ତି । ଗାଡ଼ିରେ ମୋଟ ୯ ଜଣ ଲୋକ ଥିଲେ। ମୃତକମାନଙ୍କ ପରିଚୟ ଚିହ୍ନଟ କରାଯାଉଛି।

# ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଉପସ୍ଥାନ ଯାଞ୍ଚ ପାଇଁ ଆସିବ ସ୍ମାର୍ଟ-ଫୋନ୍ ଆଧାରିତ ଆପ୍

**ଭୁବନେଶ୍ୱର, ୧୧।୭:ନ୍ୟୁଜ୍‌ବ୍ୟୁରୋ**

ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଉପସ୍ଥାନ ଯାଞ୍ଚ ପାଇଁ ସ୍ମାର୍ଟ-ଫୋନ୍ ଆଧାରିତ ଆପ୍ ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର। ଏ ନେଇ ସମସ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ଲେଖିଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ। ଚିଠିରେ କୁହାଯାଇଛି ଯେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତି ଚିହ୍ନଟ ପାଇଁ ଏକ ସ୍ମାର୍ଟ-ଫୋନ୍ ଆଧାରିତ ଆପ୍ ୧ ଅଗଷ୍ଟ, ୨୦୨୫ ଠାରୁ ରାଜ୍ୟର ସମସ୍ତ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରିବାର ପ୍ରସ୍ତାବ ରହିଛି। ଅଧିକାରୀ ଓ କର୍ମଚାରୀମାନେ ନିଜ ମୋବାଇଲ କି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ମୋବାଇଲରେ ଉପସ୍ଥାପନ ଚିହ୍ନଟ କରିବାକୁ ଚାହୁଁଛନ୍ତି ୨୫ ଜୁଲାଇ ସୁଦ୍ଧା ସେମାନଙ୍କ ମତାମତ ଜଣାଇବାକୁ ଚିଠି ଦ୍ୱାରା ଜଣାଯାଇଛି।

# ଓଡ଼ିଶାରେ ବାଂଲାଦେଶୀ ଚିହ୍ନଟ କରିବା ସରକାରଙ୍କ ଦାୟିତ୍ୱ : ପ୍ରସନ୍ନ ଆଚାର୍ଯ୍ୟ

**ଭୁବନେଶ୍ୱର, ୧୧।୭:ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ବାଂଲାଦେଶୀ ଚିହ୍ନଟ କରିବା ସରକାରଙ୍କ ଦାୟିତ୍ୱ ବୋଲି କହିଛନ୍ତି ବିଜେଡି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ। ବାଂଲାଦେଶୀ ଭାରତକୁ ଅନୁପ୍ରବେଶ କଲେ କେମିତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହା ମାନେ ଆମ ସୀମା ସୁରକ୍ଷିତ ନୁହେଁ। ଭାରତ ସରକାର କ'ଣ କରୁଛନ୍ତି ? ଯଦି ଜଣେ ବାଂଲାଦେଶୀ ବେଆଇନ ଭାବରେ ଆମ ସୀମା ଅତିକ୍ରମ କରି ଆସିବା ଆମ ରାଷ୍ଟ୍ରୀୟ ସୁରକ୍ଷାର ଦୁର୍ବଳତା ବୋଲି ଧରି ନିଆଯିବ। ଯେ କୌଣସି ଦଳ ସରକାରରେ ଥାଉ ନା କାହିଁକି ଦେଶର ସୁରକ୍ଷାକୁ କୌଣସି ମତେ କମ୍ପ୍ରମାଇଜ କରାଯିବ ନାହିଁ। ଭାରତର ସ୍ୱାର୍ଥକୁ ଏବଂ ସୁରକ୍ଷାକୁ ସୁରକ୍ଷା ଦେବା ଦାୟିତ୍ୱ ସରକାରଙ୍କର। ଓଡ଼ିଶାର ଅନେକ ସ୍ଥାନରେ ବାଂଲାଦେଶୀ ଅଛନ୍ତି ସରକାରଙ୍କ ଦାୟିତ୍ୱ ସେମାନଙ୍କୁ ଚିହ୍ନଟ କରିବା।

# ଦାଉଲାଲ ବୈଷ୍ଣବଙ୍କ ସ୍ମୃତି ସଭାରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୧।୭:ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତା, ସ୍ୱର୍ଗତ ଦାଉଲାଲ ବୈଷ୍ଣବ ଜୀଙ୍କ ସ୍ମୃତିରେ ଆୟୋଜିତ ପ୍ରାର୍ଥନା ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି। ଏସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପୂଜ୍ୟ ପିତା ସ୍ୱର୍ଗତ ଦାଉଲାଲ ବୈଷ୍ଣବ ଜୀଙ୍କ ସ୍ମୃତିରେ ଆୟୋଜିତ ପ୍ରାର୍ଥନା ସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କଲି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି, ଦିବଙ୍ଗତ ଆତ୍ମାକୁ ତାଙ୍କ ଶ୍ରୀଚରଣରେ ସ୍ଥାନ ଦିଅନ୍ତୁ ଏବଂ ପରିଜନମାନଙ୍କୁ ଏହି ଅପୂରଣୀୟ କ୍ଷତି ସହ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ।


